ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ
Approved by DAVP Govt. of India

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909
QR Code Scan for Play NTv(24X7) Channel on Your Mobile Phone
Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE -15 ♦ CUTTACK ♦ WEEKLY ♦ 13 TO 19 - APRIL 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା -୧୫ ♦ କଟକ ♦ ସାପ୍ତାହିକ ♦ ୧୩ ରୁ ୧୯- ଏପ୍ରିଲ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ରାଜ୍ୟରେ ଆରମ୍ଭ ହେଲା ଦ୍ୱିତୀୟ ଶିଳ୍ପ ବିପ୍ଳବ

## ୩୬ଟି ଶିଳ୍ପ ପ୍ରକଳ୍ପକୁ ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ







### ରାମଦାସପୁର ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ୍ ୟୁନିଟ୍ ଉଦ୍‌ଘାଟିତ

**କଟକ/ଖୋର୍ଦ୍ଧା(ଏନ୍.ଏମ୍.):** ଶିଳ୍ପପତି ମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡଟେବୁଲ୍ ବୈଠକ, ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଲେ । ଓଡ଼ିଶାରେ ନିଜ ଶିଳ୍ପ ସଂସ୍ଥାନ ମାନଙ୍କୁ ସମୃଦ୍ଧ କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବାପାଇଁ ଉଦ୍ୟୋଗପତି ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ । ଆଉ ସମ୍ଭାବନାର ରାଜ୍ୟ ନୁହେଁ , ଓଡିଶା ଏବେ ସମୃଦ୍ଧିର ସ୍ୱର୍ଣ୍ଣ ଅନୁଭବ କରୁଛି-ମୁଖ୍ୟମନ୍ତ୍ରୀ । ଶିଳ୍ପ ଅଭିବୃଦ୍ଧି ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦,୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ ଗୋଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ ୧୧ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ୱର୍ଣ୍ଣ ଅନୁଭବ କରୁଛି । ସୂଚନାଯୋଗ୍ୟଯେ, ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଏବଂ ପୋଷାକ ଶିଳ୍ପ , ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମୃଦ୍ଧ ଓଡିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଗଲା । ବର୍ତ୍ତମାନ ଓଡିଶାରେ ଚାଲୁଥିବା ଦ୍ୱିତୀୟ ଶିଳ୍ପ ବିପ୍ଳବର ଏହା ହେଉଛି ବାସ୍ତବ ପ୍ରତିଫଳନ । ପ୍ରତିଶ୍ରୁତିରୁ କାର୍ଯ୍ୟାନ୍ୱୟନ ଏବଂ ସମ୍ଭାବନାରୁ ସମୃଦ୍ଧି ଆଡ଼କୁ ଉଦ୍ଦେଶ୍ୟ ନେଇ ଓଡ଼ିଶା ଆଗକୁ ବଢୁଛି । ଆମ ପ୍ରତିଶ୍ରୁତି, ଆମେ ନିଶ୍ଚୟ ପୂରଣ କରୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ଦୁଇ-ତିନି ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହି ନାହିଁ, ବରଂ ଓଡିଶା ଏବେ ସମୃଦ୍ଧିର ସ୍ୱର୍ଣ୍ଣ ଅନୁଭବ କରିବା ଆରମ୍ଭ କରିଛି । ଆଗାମୀ କିଛି ବର୍ଷ ମଧ୍ୟରେ ଆମରାଜ୍ୟ ଏକ ପୂର୍ଣ୍ଣ ସମୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ବିଶ୍ୱ ଦରବାରରେ ଉଭା ହେବ । ୫୯ ହଜାର ନୂଆ ନିଯୁକ୍ତି କୌଣସି ଦୃଷ୍ଟିକୋଣରୁ ଏକ ଛୋଟ ଉପଲବ୍ଧି ନୁହେଁ । ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ଯାହାଦ୍ୱାରା, ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ଖୋର୍ଦ୍ଧା ମାଟିରେ ତିଆରି ହେବ । ଏହି ସଫଳତା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଓଡିଶାରେ ଗତ ୨୦ ମାସ ଧରି ଶିଳ୍ପ କ୍ଷେତ୍ରରେ ଏକ ନୂତନ ଦିଗ ଦେଖାଯାଇଛି ଏବଂ ବିଶେଷ କରି ୨୦୨୫ ଜାନୁଆରୀରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି । ୨୦୩୬ ପାଇଁ ଆଉ ୧୦ ବର୍ଷ ରହିଛି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ପ୍ରସ୍ତୁତ ହେଲାଣି ମଞ୍ଚ, ଆରମ୍ଭ ହେଲାଣି ବିଜୁ ପ୍ରେମୀଙ୍କ ରଣନୀତି

## ଶ୍ରାଦ୍ଧ ଦିବସରୁ ପଡ଼ିବ ତୃତୀୟ ସାମ୍ମୁଖ୍ୟର ମୂଳଦୁଆ

**ଭୁବନେଶ୍ୱର(ଏନ୍.ଏମ୍.):** ଆତ୍ମପ୍ରକାଶ କରିବ ତୃତୀୟ ସାମ୍ମୁଖ୍ୟ । ଆଗକୁ ବଢିବ ବିଜୁ ଲିଗାସୀ । ଏକାଠି ହେବେ ବିଜୁ ବିଚାରଧାରାରେ ବିଶ୍ୱାସ କରୁଥିବା ନେତା । ବିଜୁ ଜନତା ଦଳକୁ ଶକ୍ତ ଝଟକା ଦେବାକୁ ପ୍ରସ୍ତୁତ ହେଲାଣି ମଞ୍ଚ । ତିଆରି ହେଉଛି ରଣନୀତି । ଏପ୍ରିଲ୍ ୧୭ ବିଜୁ ଶ୍ରାଦ୍ଧ ଦିବସ ଅବସରରେ ଗଠନ ହେବାକୁ ଯାଉଛି ନୂଆ ସାମ୍ମୁଖ୍ୟ । ବିଜୁଙ୍କ ବିଚାରକୁ ନେଇ ଆଗକୁ ବଢିବ ଏହି ମଞ୍ଚ । ବିଜୁଙ୍କ ଏକାନ୍ତ ଅନୁଗତ ଦିଲ୍ଲୀପ ରାୟ, ବିଜୟ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀଙ୍କ ଭଳି ଅଭିଜ୍ଞ ନେତା ଏହି ମଞ୍ଚ ଗଠନରେ ଅଗ୍ରଣୀ ଭୂମିକାରେ ଅଛନ୍ତି । ଏହା ସହ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ପ୍ରଭାତ ବିଶ୍ୱାଳଙ୍କ ସମେତ ବିଜେଡିରୁ ନିଲମ୍ବିତ କିଛି ବିଧାୟକ ଓ ନେତା ବି ଏଥିରେ ଯୋଡି ହେବେ । ଭୁବନେଶ୍ୱରରେ ସାମ୍ମୁଖ୍ୟର ବଡ ସମାବେଶ ଆୟୋଜନ କରିବାକୁ ସ୍ଥିର ହୋଇଛି । ବିଜେଡି ଯେହେତୁ ବିଜୁ ଆଦର୍ଶରୁ ଦୁରେଇ ଯାଇଛି ଓ ଅନ୍ୟମାନେ ଏହାକୁ ନିଜ ନାଁରେ ଅକ୍ତିଆର କରିବାକୁ ଅପଚେଷ୍ଟା କରିଛନ୍ତି ସେଥିପାଇଁ ଦଳ ତାର ଗ୍ରହଣୀୟତା ହରାଇଛି । ଆଗକୁ ବିଜୁ ଲିଗାସୀ ବନାମ ହିପୋକ୍ରାସି ଲଢେଇରେ ରୋଚକ ଚିତ୍ର ଦେଖିବାକୁ ମିଳିବ ବୋଲି ସୂଚନା ଦେଇଛନ୍ତି ବିଜେଡିରୁ ଦୂରେଇ ଯାଇଥିବା ବରିଷ୍ଠ ରାଜନେତା ଅମର ଶତପଥୀ । ସେପଟେ ବିଜୁଙ୍କ ନାଁ ରେ ନୂଆ ସମୀକରଣ ହେଲେ ରାଜ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ କଳାବଜାରୀ

### ୩୪୩୫ ସିଲିଣ୍ଡର ଜବତ



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟରେ ଏଲପିଜି ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି । ମାତ୍ର ବିଭିନ୍ନ କାରଣ ଦର୍ଶାଇ କିଛି କଳାବଜାରୀ ଓ ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ ରଖୁଥିବା ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏ ଦିଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଯାକ ଜିଲ୍ଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି । ସେଥିମଧ୍ୟରୁ ୭୦୨ଟି ଗ୍ୟାସ ଏଜେନ୍ସି ଓ ୧୨୧୩ଟି ଅନ୍ୟ ସ୍ଥାନ ରହିଛି । ଏହି ସବୁ ସ୍ଥାନରୁ ୩୪୩୫ ସିଲିଣ୍ଡର ଜବତ କରାଯାଇଛି । ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫଆଇଆର ଦାଖଲ କରାଯାଇଛି । ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଚ୍ଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି । ରନ୍ଧନ ଗ୍ୟାସ୍‌ର କଳାବଜାରୀ ବନ୍ଦ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି । ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀ ମାନେ ଟିମ ମାନ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଯାଞ୍ଚ କରୁଛନ୍ତି । ଏହି ଟିମ ଗୁଡିକ ଦୈନିକ ଭିତ୍ତିରେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି । ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ସମ୍ପୃକ୍ତ ଜିଲ୍ଲାପାଳ ମାନଙ୍କ ତତ୍ତ୍ୱବଧାନରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିଜେଡ଼ିରେ ହଲଚଲ; ସଂସଦୀୟ ଦଳ ନେତା ପଦରୁ ସସ୍ମିତଙ୍କ ଇସ୍ତଫା



**ଭୁବନେଶ୍ୱର(ଏନ୍.ଏମ୍.) :** ଏବେ ରାଜ୍ୟରେ ଆରମ୍ଭ ହୋଇଛି ରାଜନୈତିକ ହଲଚଲ । ସ୍ଥାନୀୟ ଦଳ ସହିତ ଜାତୀୟସ୍ତରର ଦଳ ଭିତରେ ମଧ୍ୟ ଏହି ହଲଚଲ ଜାରି ରହିଛି । ଯାହାକୁ ନେଇ ବିଭିନ୍ନ ରାଜନୈତିକ ଦଳକୁ ବିପଦ ଆସୁଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ତେବେ ମିଳିଛି ବିଜେଡିକୁ ବଡ ଝଟକା । ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି ଡକ୍ଟର ସସ୍ମିତ ପାତ୍ର । ସେ ନିଜର ଇସ୍ତଫା ପତ୍ର ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିବା ସୂଚନା ମିଳିଛି । ଇସ୍ତଫାର ସ୍ପଷ୍ଟ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନ ଥିଲେ ମଧ୍ୟ, ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସସ୍ମିତ ପାତ୍ରଙ୍କ ଇସ୍ତଫା ପରେ ଏବେ ରାଜ୍ୟ ସଭାରେ ଦଳର ନେତୃତ୍ୱ କିଏ ନେବ, ସେ ନେଇ ଆଲୋଚନା ଆରମ୍ଭ ହେଉଛି । ସସ୍ମିତ ଜଣେ ଦକ୍ଷ ଏମ୍‌ପି ଭାବେ ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱର ଉଠାଇ ଆସୁଥିଲେ । ତେଣୁ ତାଙ୍କର ଏହି ନିଷ୍ପତ୍ତି ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

## ୧୨ ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର ୫.୩୮ କୋଟି ଭୋଟର ବାଦ୍ ପଡ଼ିଲେ




**ନୂଆଦିଲ୍ଲୀ(ଏଜେନ୍ସି):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)ର ଦ୍ୱିତୀୟ ପର୍ଯ୍ୟାୟ ପରେ, ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୫ କୋଟି ୩୮ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀ ଭଳି ନିର୍ବାଚନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ଉତ୍ତର ପ୍ରଦେଶରେ ଏସ୍ଆଇଆର୍ ଯୋଗୁଁ ୨ କୋଟିରୁ ଅଧିକ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି । ଏସ୍ଆଇଆର୍ ଯୋଗୁଁ ଭୋଟରଙ୍କ ସଂଖ୍ୟା ୧୦.୫୬ ପ୍ରତିଶତ ହ୍ରାସ ପାଇଛି । ବଡ଼ ପ୍ରଶ୍ନ ହେଉଛି, ଏସ୍ଆଇଆର୍‌ରୁ ବିଜେପି ଲାଭ ପାଇବ ନା କ୍ଷତି ସହିବ ? ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉତ୍ତର ପ୍ରଦେଶର ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶ ପାଇଛି । ଏହା ଅନୁଯାୟୀ, ଉତ୍ତର ପ୍ରଦେଶରେ ଏବେ ୧୩ କୋଟି ୩୯ ଲକ୍ଷ ଭୋଟର ବାକି ଅଛନ୍ତି । ଏସ୍ଆଇଆର୍ ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ । ଏସ୍ଆଇଆର୍ ପରେ, ୨କୋଟି ୪ ହଜାର ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ।

ଏସ୍ଆଇଆର୍ ପରେ ପଶ୍ଚିମବଙ୍ଗରେ ୯୧ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ପ୍ରତିଶତ ହିସାବରେ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୧୬.୯% ଭୋଟର ହ୍ରାସ ପାଇଛନ୍ତି । ୟୁପି ଏବଂ ଗୁଜରାଟରେ ୧୩ ପ୍ରତିଶତ ଲେଖାଏଁ, ପଶ୍ଚିମବଙ୍ଗରେ ୧୨ ପ୍ରତିଶତ, ତାମିଲନାଡୁରେ ୧୧.୫ ପ୍ରତିଶତ, ଛତିଶଗଡ଼ରେ ୧୧.୭ ପ୍ରତିଶତ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି । କେରଳ ଏବଂ ତାମିଲନାଡୁରେ ଅଧିକ ମହିଳା ଭୋଟର ଥିବା ବେଳେ ୟୁପିରେ କମ୍ ମହିଳା ଭୋଟର ଅଛନ୍ତି । କେରଳ ଏକମାତ୍ର ରାଜ୍ୟ ଯେଉଁଠାରେ ଭୋଟରଙ୍କ ତାଲିକାରୁ ବାଦ୍ ପଡ଼ିଥିବା ପ୍ରତିଶତ ଦୁଇ ଅଙ୍କ ଛୁଇଁନାହିଁ । ରାଜ୍ୟରେ ୨.୭ ପ୍ରତିଶତ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ।

ଏସ୍ଆଇଆର୍‌ରେ ସର୍ବାଧିକ ସଂଖ୍ୟକ ଭୋଟର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କଲେ ସାଂସଦ ଅପରାଜିତା

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପୁନଃବିଚାର କରାଯାଉ



**ଭୁବନେଶ୍ୱର(ଏନ୍.ଏମ୍.):** ଏପ୍ରିଲ୍ ୪ ତାରିଖ ଦିନ ରାଜ୍ୟ କ୍ୟାବିନେଟ୍ ବୈଠକରେ ଭୁବନେଶ୍ୱର ମେଟ୍ରୋ ରେଳପ୍ରକଳ୍ପକୁ ନେଇ ନିଆଯାଇଥିବା ନିଷ୍ପତ୍ତିର ପୁନଃବିଚାର କରିବାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଲୋକଙ୍କ ଆକାଂକ୍ଷା ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିକୁ ରଖି ଏହି କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ପୁନଃବିଚାର କରିବାକୁ ସେ ଉଲ୍ଲେଖ କରିଛନ୍ତି । ଭୁବନେଶ୍ୱର ସାଂସଦ ଭାବେ ଶ୍ରୀମତୀ ଷଡ଼ଙ୍ଗୀ ଚିଠିରେ ଏହି ପ୍ରକଳ୍ପ କେବଳ ଲୋକଙ୍କ ସ୍ୱାର୍ଥକୁ ସାଧନ କରିବ ନାହିଁ ବରଂ ବିକଶିତ ଓଡ଼ିଶାନେଇ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ବି ପୂରଣ କରିପାରିବ । ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ବନ୍ଦ କରିବାକୁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଲୋକଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବ । ରାଜ୍ୟ ରାଜଧାନୀ ଭୁବନେଶ୍ୱର ଏକ ବୃହତ୍ତର ନଗର ହୋଇଥିବା ବେଳେ ଜନସଂଖ୍ୟା ବି ଆଶାତୀତ ଭାବେ ବଢ଼ିବାରେ ଲାଗିଛି । ଭୁବନେଶ୍ୱର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ପରିଚୟ ହରାଇଲାଣି ଭଟିମୁଣ୍ଡାର କଂସା, ପିତ୍ତଳ ଶିଳ୍ପ

## ଗାଁରେ ଦିନେ ଥିଲେ ୫ ହଜାର କାରିଗର, ଏବେ ୧୦୦ରେ ସୀମିତ

**କଟକ(ଏନ୍.ଏମ୍.):** ସରକାରୀ ପ୍ରୋତ୍ସାହନର ଅଭାବରୁ ଦିନକୁ ଦିନ ବୁଡ଼ିବାକୁ ବସିଛି କଳା, ସଂସ୍କୃତି ଆଉ କାରିଗରୀ ଶିଳ୍ପ । ଗୋଟିଏ ପଟେ ସରକାର ହସ୍ତଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେଉଥିବାବେଳେ ବହୁ ହସ୍ତକଳା କେବଳ ପ୍ରୋତ୍ସାହନ ଅଭାବରୁ ବୁଡ଼ିବୁଡ଼ି ଗଲାଣି । ଏକଦା ବିଶ୍ୱ ଦରବାରରେ ଦେଶ ତଥା ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଥିବା କଳା କାରିଗରୀ ଏବେ ସତ୍ତା ହରାଇବାକୁ ବସିଛି । ସେହିଭଳି ପରିଚୟ ହରାଇବାକୁ ବସିଲାଣି କଟକ ଜିଲ୍ଲା ଟାଙ୍ଗୀ ବ୍ଲକ୍ ଭଟିମୁଣ୍ଡାର ପ୍ରସିଦ୍ଧ କଂସା, ପିତ୍ତଳ ହସ୍ତଶିଳ୍ପ । ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଏହି ହସ୍ତଶିଳ୍ପ ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଦେଖାଯାଉଛି । ଯେଉଁଥିପାଇଁ ଏକଦା ଏଠାରେ ୫ ହଜାର ଲୋକ ହସ୍ତଶିଳ୍ପରେ ନିୟୋଜିତ ଥିବାବେଳେ ଏବେ ଏହି ସଂଖ୍ୟା ପାଖାପାଖି ୧୦୦କୁ ଖସିଆସିଛି । କେବଳ ସେତିକି ନୁହେଁ, ବଜାରରେ ଫାଇବର୍, ଷ୍ଟିଲ୍, ଆଲୁମିନିୟମ୍, କାଚ ସାମଗ୍ରୀଗୁଡ଼ିକ ଖୁବ୍ କମ୍ ଦରରେ ମିଳିଯାଉଥିବାରୁ କଂସା, ପିତ୍ତଳରେ ତିଆରି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିଛି ।



ତିନୋଟି ରାଜସ୍ୱ ଗ୍ରାମ ଗାଁରବା, ସାରଙ୍ଗା, ଭଟିମୁଣ୍ଡାକୁ ନେଇ ଭଟିମୁଣ୍ଡା ପଞ୍ଚାୟତ ଗଠନ ହୋଇଥିଲା । ଏଠାକାର ୭ ହଜାର ଲୋକଙ୍କ ଭିତରୁ ପାଖାପାଖି ୮୦ ପ୍ରତିଶତ କଂସାରୀ । ସେମାନେ ହାତରେ କଂସାର ବିଭିନ୍ନ ବାସନକୁସନ ଗରା, ହଣ୍ଡା, ତସଲା, ଢାଳ, ଥାଳି ଇତ୍ୟାଦି ତିଆରି କରି ବଜାରରେ ବିକ୍ରି କରିଥାନ୍ତି । ଭଟିମୁଣ୍ଡାର କଂସାରୀମାନଙ୍କୁ ପୁରୀ ଶ୍ରୀମନ୍ଦିର ପକ୍ଷରୁ ମହାପ୍ରଭୁଙ୍କ ଘଣ୍ଟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜନ କରାଯାଇଥାଏ । ପୁରୀ ସ୍ୱତ୍ୱଲିପିରେ ମଧ୍ୟ ଏହା ଉଲ୍ଲେଖ ରହିଛି । ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଘଣ୍ଟସେବାରେ ଏମାନେ ନିୟୋଜିତ ହୋଇଥାନ୍ତି । ଏସବୁ ସତ୍ତ୍ୱେ ଏହି କଂସାରୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ।

କଂସା ଓ ପିତ୍ତଳ ସାମଗ୍ରୀ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପ୍ରାୟତଃ କଲିକତା କିମ୍ବା କଟକରୁ ମିଳିଥାଏ । କିନ୍ତୁ କଞ୍ଚାମାଲ ଅଣାଯିବା ସମୟରେ ସେମାନଙ୍କୁ ବହୁ ଜୁଲୁମ ସହିବାକୁ ପଡୁଥିବା ଅଭିଯୋଗ ହୋଇଛି । ସେହିପରି କାଠ ଚୁଲିରେ କଞ୍ଚାମାଲ୍ ତରଳାଯାଇ ମିଶ୍ରଣ କରାଯିବା ଓ ପରେ ହାତରେ ବାଡ଼େଇ ବାଡ଼େଇ ବାସନକୁସନର ଆକୃତି ଦିଆଯାଉଥିବାରୁ ସେହି ସାମଗ୍ରୀର ମୂଲ୍ୟ ବହୁତ ଅଧିକ ହୋଇଥାଏ । କଂସା କିଲୋଗ୍ରାମ୍ ପିଛା ପାଖାପାଖି ୨୮୦୦ ଟଙ୍କା ଥିବା ବେଳେ ପିତ୍ତଳ ପାଖାପାଖି ୧୫୦୦ ଟଙ୍କା । ହେଲେ ଏହା ତୁଳନାରେ ଷ୍ଟିଲ୍, ଫାଇବର୍ ବାସନର ଦାମ୍ ଢେର କମ୍ । ଏଣୁ ଲୋକମାନେ ଏହାକୁ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି । ଯାହା ଦ୍ୱାରା ନିଜ ପରିଶ୍ରମର ପାରିଶ୍ରମିକ ଉଠୁନଥିବା ଅଭିଯୋଗ କରି ଏହି ଗ୍ରାମର ଯୁବ ପୀଢ଼ିମାନେ ଧିରେ ଧିରେ ଏହି କୌଳିକ ବୃତ୍ତିରୁ ନିଜକୁ ଦୂରେଇ ରଖୁଥିବା ଦେଖିବାକୁ ମିଳିଛି ।

## ରାଜଧାନୀରୁ ଆତଙ୍କବାଦୀକୁ ଗିରଫ କଲା ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ



**ଭୁବନେଶ୍ୱର(ଏନ୍.ଏମ୍.):** ରାଜଧାନୀର ୟୁନିଟ୍-୬ ଅଞ୍ଚଳରୁ ଜଣେ ଆତଙ୍କବାଦୀକୁ ଗିରଫ କରିଛି ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ । ଗିରଫକରାଯିବା ପରେ ସ୍ଥାନୀୟ ଏସ୍ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ୪ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି । ଏହି ଘଟଣା ପରେ ଅଧିକ ସତର୍କ ହୋଇଛି କମିସନରେଟ୍ ପୁଲିସ୍ । ସେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଶଦ୍ରୋହମୂଳକ ସ୍ଲୋଗାନ ପୋଷ୍ଟ କରୁଥିଲା । ଏହା ବାବଦରେ ଇମ୍ରାନ୍ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା । ଏପରିକି ତାର କେତେକ ଆତଙ୍କୀ ସଙ୍ଗଠନ ସହ ସଂପର୍କ ଥିବା କୁହାଯାଉଛି । ଏହି ଯୁବକ ଜଣଙ୍କ କେଉଁ ଉଦ୍ଦେଶ୍ୟରେ ଏପରି ଦେଶଦ୍ରୋହ କାମ କରୁଥିଲେ ତାହାର ଖୋଳତାଡ଼ କରିବ ଦିଲ୍ଲୀ ପୁଲିସ୍ ।

କମିଶନରେଟ୍ ପୁଲିସ୍ ସହାୟତାରେ ଗତ ଶୁକ୍ରବାର ଦିନ ଦିଲ୍ଲୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଦୀପାବଳୀରେ ରିଲିଜହେବ ରାମାୟଣର ପ୍ରଥମ ଭାଗ




**ମୁମ୍ବାଇ(ଏଜେନ୍ସି) :** ସମ୍ପ୍ରତି ଚଳଚ୍ଚିତ୍ର ଜଗତରେ ରାମାୟଣ ଚଳଚ୍ଚିତ୍ରକୁ ନେଇ ଅନେକ ଚର୍ଚ୍ଚା ହେଉଛି । ଏହି ଚଳଚ୍ଚିତ୍ରରେ କିଏ ଅଭିନୟ କଲେ କେମିତି ଦେଖାଯିବ, କେବେ ଏହାର ରିଲିଜ ହେବ । କେତେ ବ୍ୟବସାୟିକ ସଫଳତା ପାଇବ ସେ ନେଇ ଦିନକୁ ଦିନ ଚର୍ଚ୍ଚା ବଢୁଥିବାବେଳେ ନିର୍ମାଣ ସଂସ୍ଥା ଏହାର ରିଲିଜକୁ ନେଇ ଦ୍ୱନ୍ଦ ଦୂର କରିଛନ୍ତି । ନିତେଶ ତିୱାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ 'ରାମାୟଣ'ର ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳିରେ ରିଲିଜ୍ ହେବ । କିନ୍ତୁ ଏହି ଫିଲ୍ମ ରିଲିଜ୍ ହେବା ପୂର୍ବରୁ ଖୁବ୍ ଚର୍ଚ୍ଚାରେ ରହିଛି । ନିକଟରେ 'ରାମାୟଣ'ର ଟିଜର ରିଲିଜ୍ ହୋଇଥିଲା । ରଣବୀର କପୁରଙ୍କୁ ନିତେଶ ତିୱାରୀଙ୍କ ଏହି ମେଗା ବଜେଟ୍ ଫିଲ୍ମରେ ଡବଲ ଭୂମିକାରେ ଅଭିନୟ କରୁଥିବାର ନଜର ଆସିବେ । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ରଣବୀର କପୁର ଏହି ମେଗା-ବଜେଟ୍ ଫିଲ୍ମ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିଥିଲେ । ଏହି କଥାବାର୍ତ୍ତା ସମୟରେ ରଣବୀର କପୁର ମଧ ରାମାୟଣରେ ତାଙ୍କର ଡବଲ୍ ରୋଲ୍ ନିଶ୍ଚିତ କରିଥିଲେ । ପୋଷ୍ଟର ରିଲିଜ୍ ସମୟରେ ରଣବୀରଙ୍କୁ ଭଗବାନ ରାମଙ୍କ ଭୂମିକାରେ ଦେଖିବାକୁ ପାଇଥିଲେ ଦର୍ଶକ । ଏଥିସହ ସେ ଭଗବାନ ପରଶୁରାମ ଭୂମିକାରେ ମଧ ନଜର ଆସିବେ । ଅନ୍ୟପଟେ ଟିଜରରେ 'ରାମାୟଣ'ରେ ରଣବୀର କପୁରଙ୍କ ଡବଲ୍ ରୋଲ୍ ବିଷୟରେ ସୂଚନା ଦିଆଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ କୌଣସି ସ୍ୱଷ୍ଟିକରଣ କରାଯାଇନାହିଁ । ହେଲେ ଏହି ଆଲୋଚନା ମଧ୍ୟରେ ଏବେ ରଣବୀର ତାଙ୍କର ଉଭୟ ଚରିତ୍ର ସମ୍ପର୍କରେ ସ୍ପଷ୍ଟ କରିଛନ୍ତି । ଯଦି ଏହି ଫିଲ୍ମ ବିଷୟରେ କୁହାଯାଏ ତେବେ ଏହା ଦୁଇଟି ଭାଗରେ ରିଲିଜ୍ ହେବ । ପ୍ରଥମ ଭାଗ ଚଳିତ ବର୍ଷ ଦୀପାବଳିରେ ରିଲିଜ୍ ହେବାବେଳେ ଏହାର ଦ୍ୱିତୀୟ ଭାଗ ପାଇଁ ଦର୍ଶକଙ୍କୁ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡିବ । ଫିଲ୍ମର ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ୍ ହେବ । ରାମାୟଣରେ ରଣବୀର କପୁର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଏବଂ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ନଜର ଆସିବେ । ଏମାନଙ୍କ ବ୍ୟତୀତ ରାଜା ଦଶରଥଙ୍କ ଭୂମିକାରେ ଅରୁଣ ଗୋଭିଲ, ମାତା ସୀତାଙ୍କ ଭୂମିକାରେ ଇନ୍ଦିରା କୃଷ୍ଣନ୍, ଲକ୍ଷ୍ମଣଙ୍କ ଭୂମିକାରେ ରବି ଦୁବେ, ରାବଣ ଭୂମିକାରେ ଯଶ ଏବଂ ହନୁମାନଙ୍କ ଭୂମିକାରେ ସନି ଦେଓଲ ନଜର ଆସିବେ । ତେବେ ଏହି ଚଳଚ୍ଚିତ୍ରଟି ରିଲିଜ ହେବା ପରେ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ନିର୍ମାଣକାରୀ ସଂସ୍ଥା ଆସ୍ଥା ରଖିଛି ।

# ଓଡ଼ିଆ ଶାଢ଼ି ପ୍ରେମରେ ଧକ ଧକ ଗାର୍ଲ

**ମୁମ୍ବାଇ(ଏଜେନ୍ସି) :** ଆଜିବି ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଶାର ଶାଢ଼ୀ । ସେ ବହ୍ମପୁରୀ ଶାଢ଼ୀ ହେଉ କି ସମ୍ବଲପୁରୀ ଶାଢ଼ୀ । ପୁଣି କଟକ ଜିଲ୍ଲାର ମାଣିଆବନ୍ଧ, ବିନ୍ଧାଣିମାର ହସ୍ତତନ୍ତ ଶାଢ଼ୀ । ଏସବୁ ଅଞ୍ଚଳର ଶାଢ଼ୀଗୁଡ଼ିକ କେବଳ ଯେ ଆଖିକୁ ସୁନ୍ଦର ଦିଶେ ତାହା ନୁହେଁ ପିନ୍ଧିବା ପାଇଁ ମଧ ବେଶ ଆରାମ ଲାଗିଥାଏ । ତେବେ ଏହି ପରିପ୍ରେକ୍ଷୀରେ ଓଡ଼ିଆଣୀ ପୋଷାକ ପ୍ରେମରେ ଏବେ ପଡ଼ିଛନ୍ତି ବଲିଉଡ଼ର କଳାକାର ।



ଓଡ଼ିଶାର ପାରମ୍ପରିକ ନବକୋଠି ଶାଢୀ ପିନ୍ଧି ଝଟକୁଛନ୍ତି ବଲିଉଡ ଅଭିନେତ୍ରୀ ମାଧୁରୀ ଦିକ୍ଷୀତ । ବାଇଗଣୀ ଓ ଗାଢ଼ ଗୋଲାପୀ ରଙ୍ଗର ଡିଜାଇନରେ ଏହି ଶାଢି ପ୍ରସ୍ତୁତ ହୋଇଛି । ଓଡ଼ିଶାର ଏହି ପାରମ୍ପରିକ ପାଟ ଶାଢ଼ୀ ପିନ୍ଧି ସେ ବେଶ୍ ଆକର୍ଷଣୀୟ ଲାଗୁଛନ୍ତି । ଓଡ଼ିଆ ଶାଢି ପିନ୍ଧି ଓଡ଼ିଆ ଅସ୍ମିତାକୁ ସାରା ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି ମାଧୁରି ଦିକ୍ଷୀତ । ଓଡ଼ିଆ ନବକୋଠି ଶାଢିର ଗୁଣ ବଖାଣିବା ସହ ଓଡ଼ିଆ ହସ୍ତତନ୍ତ ଶିଳ୍ପର ନିଖୁଣ କାମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ମାଧୁରୀ ଦିକ୍ଷୀତ । ଓଡ଼ିଆ ବୟନଶିଳ୍ପ ପରମ୍ପରାର ଗୁଣ ବଖାଣିବା ସହ ରେଶମ କପଡ଼ାରେ ଏହି କାରିଗରୀ ଆତ୍ମା ବୋଲି କହିଛନ୍ତି ମାଧୁରୀ । କାରିଗରୀରେ ବୁଣାକାରଙ୍କ ଧୈର୍ଯ୍ୟ ଓ କାହାଣୀ ପ୍ରଦର୍ଶିତ ହେଉଛି । ଏଭଳି ଏକ ସୁନ୍ଦର କାରିଗରିର ପ୍ରଚାର ପ୍ରସାର କରିବାର ସୁଯୋଗ ମିଳିଥିବାରୁ ଗର୍ବିତ ବୋଲି କହିଛନ୍ତି ମାଧୁରୀ ।

# ପୁଣି ଚର୍ଚ୍ଚାରେ ଅଭିନେତ୍ରୀ ଦୀପିକା କକ୍କର



**ମୁମ୍ବାଇ(ଏଜେନ୍ସି) :** ଆକ୍ଟ୍ରେସରୁ ବିଜନେସ୍ ଓ୍ୱେମେନ ହୋଇଥିବା ଦୀପିକା କକ୍କର ଇବ୍ରାହିମ୍ ଏବେ ଏକ କଷ୍ଟକର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି । ଲିଭର କ୍ୟାନସର ଟ୍ରିଟମେଣ୍ଟ ପରେ, ତାଙ୍କୁ ସିଷ୍ଟସ୍ ଅପରେସନ କରିବା ପାଇଁ ପଡିଲା । ହେଲେ ଏହି ଯନ୍ତ୍ରଣାଦାୟକ ରୋଗ ସହିତ ଲଢ଼ିବା ସତ୍ତ୍ୱେ, ସେ ୟୁଟୁଭରେ ଆକ୍ଟିଭ ଅଛନ୍ତି । ନିୟମିତ ଭାବରେ ତାଙ୍କ ପ୍ରଶଂସକମାନଙ୍କୁ ଅପଡେଟ୍ ସେୟାର କରୁଛନ୍ତି । ଏହା ଦୀପିକାଙ୍କ ଦ୍ୱିତୀୟ ବିବାହ । ଅଭିନେତ୍ରୀଙ୍କ ପ୍ରଥମ ବିବାହ ୨୦୧୧ ମସିହାରେ ରୌନକ ସାମସନଙ୍କ ସହ ହୋଇଥିଲା । କିନ୍ତୁ, ମାତ୍ର କିଛି ବର୍ଷ ମଧରେ ସେମାନଙ୍କର ଛାଡପତ୍ର ହୋଇଗଲା । ଛାଡପତ୍ର ପରେ ଦୀପିକା ଶୋଏବଙ୍କ ରୂପରେ ଏକ ନୂତନ ଜୀବନସାଥୀ ପାଇଲେ । ଏବେ ଦୁହେଁ ବହୁତ ଖୁସି ଅଛନ୍ତି । ଦୀପିକା ତାଙ୍କ ପୁଅ ରୁହାନଙ୍କୁ ମଧ ଦେଖାଉଥିଲେ, ଯିଏ ପ୍ରାୟ ତିନି ବର୍ଷ ବୟସର । ଦୀପିକା ତାଙ୍କ ଛୋଟ ପୁଅକୁ ନମାଜ (ପ୍ରାର୍ଥନା) କିପରି କରିବାକୁ ହୁଏ ତାହା ଶିଖାଉଥିବାର ଦେଖାଯାଇଥିଲା । ରୁହାନ ମଧ ତାଙ୍କ ମାଆଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥନା ପାଠ କରୁଥିବାର ଦେଖାଯାଇଥିଲା । ଦୀପିକାଙ୍କ ବିଷୟରେ କହିବାକୁ ଗଲେ, ସେ ୨୦୧୮ରେ ଟିଭି ଅଭିନେତା ଶୋଏବ୍ ଇବ୍ରାହିମ୍ ସହିତ ବିବାହ କରିଥିଲେ । ସେ ସୋଏବ ବିବାହ କରିବା ପାଇଁ ତାଙ୍କ ଧର୍ମ ପରିବର୍ତ୍ତନ କରିଥିଲେ । ଦୀପିକା ଏବେ ହିନ୍ଦୁ ଧର୍ମରୁ ଇସଲାମ ଧର୍ମ ଗ୍ରହଣ କରିଛନ୍ତି ଏବଂ ତାଙ୍କ ସ୍ୱାମୀଙ୍କ ଧର୍ମ ଫଲୋ କରିଛନ୍ତି । ଏହି ଦମ୍ପତିଙ୍କର ଏକ ପୁଅ ମଧ ଅଛି, ଯାହାକୁ ସେମାନେ ଦୁହେଁ ବହୁତ ଭଲ ପାଆନ୍ତି । ଏକ ନୂଆ ଭ୍ଲଗରେ, ଦୀପିକା ପ୍ରକାଶ କରିଛନ୍ତି ଯେ ତାଙ୍କର ନୂତନ ଚିକିତ୍ସା ଆରମ୍ଭ ହେବାକୁ ଯାଉଛି । ଏହାକୁ ନେଇ ସେ ବହୁତ ଚିନ୍ତିତ ଅନୁଭବ କରୁଛନ୍ତି । ହସ୍ପିଟାଲକୁ ଯିବା ପୂର୍ବରୁ, ଦୀପିକା ଭାବପ୍ରବଣ ହୋଇଗଲେ ଓ କହିଥିଲେ 'ଏହା ଅତ୍ୟନ୍ତ କଷ୍ଟକର' । ଦୀପିକା ତାଙ୍କ ସମସ୍ତ ପ୍ରଶଂସକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଯେ ତାଙ୍କୁ ପ୍ରେମରେ ଏବଂ ସୁସ୍ଥତା ପାଇଁ ପ୍ରାର୍ଥନା କରିଥିଲେ ।

# ପୁଣି ଚର୍ଚ୍ଚାରେ ବିଜୟ ଓ ରଶ୍ମିକା

**ଚେନ୍ନାଇ(ଏଜେନ୍ସି) :** ସାଉଥର ହ୍ୟାଣ୍ଡସମ୍ ହଙ୍କ୍ ଅଭିନେତା ବିଜୟ ଦେବରକୋଣ୍ଡା ଓ ନ୍ୟାସନାଲ କ୍ରସ୍ ରଶ୍ମିକା ମନ୍ଦାନା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏହି କପଲ ଉଦୟପୁରରେ ଦକ୍ଷିଣ ଭାରତୀୟ ରୀତିନୀତି ଅନୁସାରେ ସାତ ଜନ୍ମର ସାଥୀ ହୋଇଛନ୍ତି । ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି । ଯେଉଁଥିରେ ରଶ୍ମିକା କ୍ୟାପସନ ଦେଇଛନ୍ତି now it's us three । ସେମାନଙ୍କ ବିବାହକୁ ମାତ୍ର ଦେଢ ମାସ ହୋଇଥିବା ବେଳେ ବର୍ତ୍ତମାନ ଏଭଳି ପୋଷ୍ଟକୁ ନେଇ ଫ୍ୟାନ୍ସଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ବିବାହ ପରେ ବିରୋଶଙ୍କ ହନିମୁନ ସମୟର ବିଭିନ୍ନ ଫଟୋ ଭାଇରାଲ ହୋଇଥିଲା । ଯାହାକୁ ନେଇ ଉଭୟଙ୍କ ଫ୍ୟାନ୍ସମାନେ ଖୁସି ହୋଇ ଯାଇଥିଲେ । ବର୍ତ୍ତମାନ ଏହି ପୋଷ୍ଟକୁ ନେଇ ଅନେକ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି । ରଶ୍ମିକା ନିଜ ଇନଷ୍ଟାଗ୍ରାମରେ ସେୟାର କରିଥିବା ପୋଷ୍ଟରେ ବିଜୟ ଓ ତାଙ୍କ ସହିତ ସୁନ୍ଦର ହଳଦିଆ ଫୁଲର ମୁଭେବଲ୍ ଗ୍ରାଫିକ୍ ଦେଖାଯାଉଛି । କିଛି ଲାଲ ହୃଦୟ ଇମୋଜି ମଧ ନଜର ଆସୁଛି । ଏହା ସହିତ, ରଶ୍ମିକା କ୍ୟାପସନରେ ସ୍ମାଇଲ ସହ ଧଳା ହାର୍ଟ ଇମୋଜି ମଧ ଯୋଡ଼ିଛନ୍ତି ଓ ଲେଖିଛନ୍ତି, 'ଏବେ ଆମେ ତିନି ଜଣ' । ରଶ୍ମିକା କଣ ମାଆ



ହେବାକୁ ଯାଉଛନ୍ତି ? ରଶ୍ମିକା କ'ଣ ଗର୍ଭବତୀ ? ତିନିର ଅର୍ଥ ଜୁନିଅର ବିରୋଶ କି ? ଏକଥା ଆମେ କହୁ ନାହିଁ । ୟୁଜର୍ସମାନେ କମେଣ୍ଟ ଦେଉଛନ୍ତି । କେହିକେହି ମନ୍ତବ୍ୟ ଦେଉଛନ୍ତି, ପାରିବାରିକ ଜୀବନକୁ ଆପଣଙ୍କୁ ସ୍ୱାଗତ । ରଶ୍ମିକାଙ୍କର ଆଉ ଗୋଟିଏ ଆକାଉଣ୍ଟ 'ରଶ୍ମିକା ଏଣ୍ଡ ରୁ' ନାମକ ଏକ ଆକାଉଣ୍ଟ ପୂର୍ବରୁ ଅଛି ଓ ସେ ଏହାକୁ ଏକ ଡାଏରୀ ପରି ରଖନ୍ତି । ସେ କେବଳ ଛୋଟ ଛୋଟ ଜିନିଷ ଲେଖନ୍ତି, କିନ୍ତୁ ଫ୍ୟାନ୍ସଙ୍କୁ ଏହା ପ୍ରଭାବଶାଳୀ ପରି ମନେହୁଏ । ବର୍ତ୍ତମାନ ଅଭିନେତ୍ରୀଙ୍କ ଏହି ପୋଷ୍ଟକୁ ଏକ ସାଧାରଣ ଇନଷ୍ଟାଗ୍ରାମ ପୋଷ୍ଟ ବୋଲି କୁହାଯାଉଛି, ଗର୍ଭାବସ୍ଥା ବିଷୟରେ ନୁହେଁ । ବିବାହ ଓ ହନିମୁନ ପରେ ଏହି କପଲ ପୁଣି ଥରେ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଫେରିଛନ୍ତି । ରଶ୍ମିକା ବର୍ତ୍ତମାନ ବିଜୟ ଦେବରକୋଣ୍ଡାଙ୍କ ସହ Ranabaalie ସୁଟିଂ କରୁଛନ୍ତି ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# କମଳାଠୁ ୪ ଗୁଣ ଲାଭଦାୟକ ହେଉଛି ତା' ଚୋପା,

କମଳା ଯେତିକି ଗୁଣକାରୀ ଓ ଉପକାରୀ, ତା' ଠୁ ଅଧିକ ଉପକାରୀ ହେଉଛି ତା' ଚୋପା । ତେଣୁ କେବେ କି କମଳା ଖାଇବା ବେଳେ ତା' ଚୋପାକୁ ଫୋପାଡ଼ନ୍ତୁ ନାହିଁ ।

କମଳା ଚୋପାରେ ରହିଛି ଫ୍ଲେବୋନାଇଟସ୍ ପରି ପାଲିମେଥାକ୍ସି ଫ୍ଲେବୋନ୍ସ ଓ ହେସ୍ପେରିଡିନ । ଏଥିସହ ସେଥିରେ ବହୁ ଫାଇଟୋକେମିକାଲ୍ସ ଥିବା ବେଳେ ତାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ ।

ଫ୍ଲେବୋନାଇଟସ୍ ଏପରି ଏକ ଆଣ୍ଟି ଅକ୍ସିଡେଣ୍ଟ ଯାହା କ୍ୟାନସର ଓ ହୃଦରୋଗ ପରି କ୍ରୋନିକ ବେମାରକୁ ରୋକିବାରେ ସାହାଯ୍ୟ କରିଥାଏ ।

୮.୫ କମଳା ଚୋପାରେ ୧୩୬ ଗ୍ରାମ ଭିଟାମିନ-ଉ ମିଳିଥାଏ । ଏହା ଶରୀରର ରୋଗ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରିଥାଏ । ଏଥିସହ ଏହା ବହୁ ରୋଗୁ ରକ୍ଷା କରିଥାଏ ।

କମଳା ଚୋପାରେ ବହୁ ମାତ୍ରାରେ କପର, କ୍ୟାଲଶିୟମ, ମ୍ୟାଗନିସିୟମ, ଭିଟାମିନ ଏ ଓ ଫାଇବର ଥାଏ । ତାହା ଶରୀର ପାଇଁ ଖୁବ୍ ଲାଭଦାୟକ ।

କମଳା ଚୋପାରେ ଥିବା ହେସ୍ପେରିଡିନ ଫ୍ଲେବୋନାଇଟ ରକ୍ତଚାପ ଓ କୋଲେଷ୍ଟରଲକୁ ନିୟନ୍ତ୍ରଣ କରିଥାଏ ।

ଏହା ଆପଣଙ୍କ ମେଟାବୋଲିଜିମକୁ ବୃଦ୍ଧି କରିଥାଏ । ଓଜନ ହ୍ରାସ କରିବା ନିମନ୍ତେ ବହୁ ଡାକ୍ତର ନିୟମିତ ରୂପେ ଡାଏଟରେ କମଳା ଚୋପା ସାମିଲ କରିବାକୁ ପରାମର୍ଶ ଦେଇଥାନ୍ତି ।

ଏହାକୁ ସେବନ କଲେ ଗ୍ୟାଷ୍ଟିକ ସମସ୍ୟା ନିୟନ୍ତ୍ରଣରେ ରହିଥାଏ । ଖାଦ୍ୟ ଠିକ୍ ଭାବେ ପାଚନ ହୋଇଥାଏ । ଏଥିସହ ଛାତି ଜଳାପୋଡ଼ା, ଏସିଡିଟି ଆଦି ସମସ୍ୟା ଦୂର ହୋଇଥାଏ ।

ଏହା ତ୍ୱଚାର ବିଭିନ୍ ସମସ୍ୟା ପାଇଁ ବି ରାମବାଣ । କମଳା ଚୋପାରେ ପ୍ରସ୍ତୁତ ମିଶ୍ରଣ ଲଗାଇଲେ ମୁହଁରେ ହୋଇଥିବା ବ୍ଲାକହେଡ୍ସ, ମୃତ କୋଷିକା, ଡାର୍କ ସର୍କଲ, ଡ୍ରାଏ ସ୍କିନ୍ ସମସ୍ୟା ଦୂର ହୋଇଥାଏ ।

କମଳା ଚୋପାକୁ ଖରାରେ ଶୁଖାଇ ଏହାର ପାଉଡର ପ୍ରସ୍ତୁତ କରି ବହୁ ଦିନ ପର୍ଯ୍ୟନ୍ତ ବି ବ୍ୟବହାର କରି ପାରିବେ ।

## ମା'ରାଣ ଦେହକୁ ନେବେନି...



ଆକାଶ ଉପରୁ ସତେକି ସୁରୁଯ
ସେଏଣ୍ଡ କଲାଣି ମେଏଲ...
ଦିନ ଏଗାରଟା ପରେ ବାହାରିଲେ
ସାରିଦେବି ତୁମ୍ଭ ଖେଏଲ...
ଭାବନି ଏହାକୁ ଜେଏଲ...
କାଳବଇଶାଖୀ ମଝିରେ ଆସିକି
ବଜେଇବ ଟିକେ ବେଏଲ...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ସୁଆଦିଆ କଖାରୁ ପୋଡ଼ପିଠା



ଆପଣ ଘରେ ବହୁ ପ୍ରକାର ପୋଡ଼ପିଠା ପ୍ରସ୍ତୁତ କରିଥିବେ । ହେଲେ କେବେ କଖାରୁରେ ପୋଡ଼ପିଠା ପ୍ରସ୍ତୁତ କରିଛନ୍ତି । ଏହା ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ । ଫଳରେ ଯିଏ ଥରେ ଏହାର ସ୍ୱାଦ ପାଇଛି, ସେ ବାରମ୍ବାର ଏହାକୁ ଖାଇବାକୁ ମନ ବଳାଇଛି । ଆଜି ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତ ପ୍ରଣାଳୀ ।

**ଆବଶ୍ୟକ ସାମଗ୍ରୀ :** କଖାରୁ, ଅରୁଆ ଚାଉଳ, ଲୁଣ, ଗୁଡ଼, କାଜୁ, କିସମିସ୍, ପିସ୍ତା, ନଡ଼ିଆ, ଗୁଆ ଘିଅ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଖାରୁକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ । ଏହାପରେ ଏକ ପ୍ରେସର କୁକରରେ ତାହାକୁ ନେଇ ଅଳ୍ପ ପାଣି ପକାଇ ସିଝାଇ ଦିଅନ୍ତୁ । ତାହାର ପ୍ରାୟ ୪,୫ ଘଣ୍ଟା ପୂର୍ବରୁ ଚାଉଳକୁ ଭିଜାଇ ରଖି ଦିଅନ୍ତୁ । ଏବେ କଖାରୁ ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାରରେ କଖାରୁ, ଭିଜାଇଥିବା ଚାଉଳକୁ ଛାଣି ପକାନ୍ତୁ । ଏବେ ସେଥିରେ ଅଳ୍ପ ଲୁଣ ଓ ଆବଶ୍ୟକତା ଅନୁଯାୟୀ ଗୁଡ଼ ପକାଇ ଗ୍ରାଇଣ୍ଡିଂ କରନ୍ତୁ । ଏଥିରେ ଜମା ପାଣି ଦିଅନ୍ତୁ ନାହିଁ । କଖାରୁ ଆଣକୁ ଏକ ପାତ୍ରକୁ ବାହାର କରି ସେଥିରେ ଅଳ୍ପ କିଛି ସୁଜି, କାଜୁ, କିସମିସ୍, ପିସ୍ତା ବାଦାମ, ନଡ଼ିଆ ଖଣ୍ଡ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ କିଛି ବେକିଂ ପାଉଡର ମିଶାଇ ଭଲ ଭାବେ ଫେଣ୍ଟନ୍ତୁ । ଏହାପରେ ଏକ ପ୍ରେସର କୁକରକୁ ଗରମ କରି ସେଥିରେ ଗୁଆ ଘିଅ ଦିଅନ୍ତୁ । ଏହାପରେ ସେଥିରେ ଆଣକୁ ପକାଇ ହ୍ୟାଣ୍ଡେଲ ବନ୍ଦ କରି ଦିଅନ୍ତୁ । ହ୍ୟାଣ୍ଡେଲରୁ ହୁଇସିଲ୍କୁ ବାହାର କରିବାକୁ ଭୁଲନ୍ତୁ ନାହିଁ । ଗ୍ୟାସ୍କୁ ସିମ୍ କରି ଏହାକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ଏହାପରେ ଗ୍ୟାସ୍କୁ ବନ୍ଦ କରି ତାହାକୁ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଏହାକୁ ଅନ୍ୟ ଏକ ପାତ୍ରକୁ ବାହାର କରି ପିସ୍ ପିସ୍ କାଟି ପରସି ଦିଅନ୍ତୁ ସୁଆଦିଆ କଖାରୁ ପୋଡ଼ ପିଠା ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।**




# ୨୦୩୦ ସୁଦ୍ଧା ଦିଲ୍ଲୀରେ ଶେଷ ହେବ ପେଟ୍ରୋଲ ଗାଡ଼ିର ଯୁଗ, ସମ୍ପୂର୍ଣ୍ଣ ଇଭି ସିଟି ହେବ ରାଜଧାନୀ

**ନୂଆଦିଲ୍ଲୀ(ଏନ୍.ଏମ୍.):** ଦେଶର ରାଜଧାନୀରେ ବଢୁଥିବା ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦିଲ୍ଲୀ ସରକାର ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ''ଦିଲ୍ଲୀ ବୈଦ୍ୟୁତିକ ଯାନ (ଇଭି) ନୀତି ୨୦୨୬-୨୦୩୦''ର ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହି ନୂତନ ନୀତି ଅନୁଯାୟୀ, ଆସନ୍ତା କିଛି ବର୍ଷ ମଧ୍ୟରେ ପେଟ୍ରୋଲ ଚାଳିତ ଦୁଇଚକିଆ ଓ ତିନିଚକିଆ ଯାନର ପଞ୍ଜୀକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏକ କଠୋର ସମୟସୀମା ଧାର୍ଯ୍ୟ କରାଯାଇଛି। ବିଶେଷକରି ଶୀତଦିନେ ଦିଲ୍ଲୀରେ ଦେଖାଦେଉଥିବା ଭୟଙ୍କର ସ୍ମୋଗ୍ ବା ବିଷାକ୍ତ କୁହୁଡ଼ିକୁ ନିୟନ୍ତ୍ରଣ କରିବା ଏହି ନୀତିର ମୂଳ ଲକ୍ଷ୍ୟ। ଏହି ଚିଠା ପ୍ରସ୍ତାବ ଅନୁଯାୟୀ, ୨୦୨୭ ମସିହା ଜାନୁଆରୀ ୧ ତାରିଖରୁ ଦିଲ୍ଲୀରେ କେବଳ ବୈଦ୍ୟୁତିକ ତିନିଚକିଆ ଯାନର ନୂତନ ପଞ୍ଜୀକରଣ ହୋଇପାରିବ। ସେହିପରି



୨୦୨୮ ଏପ୍ରିଲ ୧ ତାରିଖ ପରଠାରୁ ପେଟ୍ରୋଲ ଚାଳିତ ଦୁଇଚକିଆ ଗାଡ଼ି ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ ଏବଂ କେବଳ ଇଲେକ୍ଟ୍ରିକ୍ ମଡେଲ୍କୁ ଅନୁମତି ମିଳିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ଅଣାଯାଇଛି, ଯେଉଁଥିରେ ଆଗ୍ରିଗେଟର ବା ବିଭିନ୍ନ ସଂସ୍ଥା ଅଧୀନରେ ଚାଲୁଥିବା ଗାଡ଼ିଗୁଡ଼ିକ ପାଇଁ ୨୦୨୬ ଜାନୁଆରୀରୁ ହିଁ ନୂତନ ପେଟ୍ରୋଲ ବା ଡିଜେଲ ଗାଡ଼ି କିଣିବା ଉପରେ ରୋକ୍ ଲଗାଯାଇଛି। ଏଥିସହିତ ସରକାରୀ ଗାଡ଼ି ଏବଂ ସ୍କୁଲ ବସ୍ ଗୁଡ଼ିକର ପର୍ଯ୍ୟାୟକ୍ରମେ ବୈଦ୍ୟୁତିକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଲୋକଙ୍କୁ ଏହି ନୂତନ ବ୍ୟବସ୍ଥା ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି। ଇଲେକ୍ଟ୍ରିକ୍ ଦୁଇଚକିଆ, ତିନିଚକିଆ ଓ ମାଲବାହୀ ଯାନ ଉପରେ ବ୍ୟାଟେରୀ କ୍ଷମତା ଅନୁଯାୟୀ ସବସିଡି ପ୍ରଦାନ କରାଯିବ। ପୁରୁଣା ପ୍ରଦୂଷଣକାରୀ ଗାଡ଼ିକୁ ସ୍କ୍ରାପ୍ ବା ନଷ୍ଟ କରିବା ପାଇଁ ମଧ୍ୟ ବିଭିନ୍ନ ବର୍ଗରେ ୧୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ଏହା ବ୍ୟତୀତ ବୈଦ୍ୟୁତିକ ଯାନ କ୍ରୟ କଲେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଶୁଳ୍କରୁ ସମ୍ପୂର୍ଣ୍ଣ ଛାଡ଼ ମିଳିବ। ଭିତ୍ତିଭୂମିର ବିକାଶ ପାଇଁ ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡକୁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି, ଯିଏ ସହର ସାରା ଚାର୍ଜିଂ ଷ୍ଟେସନ ଏବଂ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ସ୍ଥାପନର ତଦାରଖ କରିବେ। ବ୍ୟାଟେରୀରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ ପରିବେଶ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ବର୍ତ୍ତମାନ ଏହି ଚିଠା ପ୍ରସ୍ତାବକୁ ଜନସାଧାରଣ ଓ ବିଶେଷଜ୍ଞଙ୍କ ମତାମତ ପାଇଁ ୩୦ ଦିନ ପର୍ଯ୍ୟନ୍ତ ଉନ୍ମୁକ୍ତ ରଖାଯାଇଛି, ଯାହା ପରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବ।

# ଦିଲ୍ଲୀରେ ଆଇଏସ୍ଆଇ ସମର୍ଥିତ ଗୁଇନ୍ଦା ମଡ୍ୟୁଲ୍ର ପର୍ଦ୍ଦାଫାସ

**ନୂଆଦିଲ୍ଲୀ(ଏଜେନ୍ସି):** ସୀମାପାର ଗୁଇନ୍ଦା ନେଟୱର୍କକୁ ଏକ ଶକ୍ତ ଝଟ୍କା ଦେଇ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ଶାଖା ପାକିସ୍ତାନର ଆଇଏସ୍ଆଇ (ଇଣ୍ଟର ଷ୍ଟେଟ୍ ଇଣ୍ଟେଲିଜେନ୍ସ) ସମର୍ଥନରେ ଚାଲିଥିବା ଗୁଇନ୍ଦା ମଡ୍ୟୁଲ୍ର ପର୍ଦ୍ଦାଫାସ କରି ୧୦ ସଞ୍ଚାଳକଙ୍କୁ ଗିରଫ କରିଛି। ଅତିରିକ୍ତ ପୁଲିସ କମିସନର (ସ୍ୱତନ୍ତ୍ର ଶାଖା) ପ୍ରମୋଦ କୁଶୱାହାଙ୍କ ନେତୃତ୍ୱରେ ଏହି ଉଚ୍ଚସ୍ତରୀୟ ଅପରେସନ୍ ପରିଚାଳନା ହୋଇଥିଲା। ଜାତୀୟ ସୁରକ୍ଷାକୁ ଅସ୍ଥିର କରିବାପାଇଁ ବିଦେଶୀ ସଞ୍ଚାଳକଙ୍କ ନିର୍ଦ୍ଦେଶରେ ଏହି ସଞ୍ଚାଳକମାନେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ଗୁଇନ୍ଦା ମଡ୍ୟୁଲ୍ ଦିଲ୍ଲୀ ଏବଂ ଅନ୍ୟ



ପ୍ରମୁଖ ସହରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ଅଧିକ ଟ୍ରାଫିକ୍ ଜାମ୍ ଥିବା ଅଞ୍ଚଳ ଗୁଡ଼ିକ ଉପରେ ଖବର ନେଉଥିଲେ ଏବଂ ନିରୀକ୍ଷଣ କରୁଥିଲେ। ଅଭିଯୁକ୍ତମାନେ ମଧ୍ୟ ସେମାନଙ୍କ ଆଇଏସ୍ଆଇ ପ୍ରତିପକ୍ଷଙ୍କୁ ସୂଚନା ପ୍ରଦାନ କରିବାପାଇଁ ସମ୍ବେଦନଶୀଳ ସ୍ଥାନମାନଙ୍କରେ କ୍ୟାମେରା ଲଗାଉଥିଲେ। କର୍ତ୍ତୃପକ୍ଷମାନେ ବିଶ୍ୱାସ କରୁଛନ୍ତି ଯେ ଗିରଫ ହୋଇଥିବା ୧୦ ଜଣ ଉକ୍ତ ନେଟୱର୍କକୁ ସ୍ଥାନୀୟ ଭାବେ ସହଯୋଗ କରୁଥିଲେ। ୧୦ ଜଣଙ୍କୁ ଗିରଫ କରିବାପରେ ପୁଲିସ କିଛି ଇଲେକଟ୍ରୋନିକ୍ ଉପକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି।

# ଗଙ୍ଗାକୂଳରେ ମଦ ପିଇବା ବେଳେ ଧରିଲା ପୁଲିସ

**ମୁମ୍ବାଇ (ଏଜେନ୍ସି):** ପବିତ୍ର ଗଙ୍ଗା ନଦୀ କୂଳରେ ସ୍ୱାମୀଙ୍କ ସହ ବସି ମଦ ପିଉଥିବା ମହିଳାଙ୍କ ଉତ୍ପାତ ସାମ୍ନାକୁ ଆସିଛି। ଉତ୍ତରାଖଣ୍ଡର ଋଷିକେଶ ନିକଟ ଗଙ୍ଗା କୂଳରେ ଜଣେ ମହିଳା ମଦ ପିଉଥିବାବେଳେ ପୁଲିସ୍ ତାଙ୍କୁ ବାଧା ଦେଇଥିଲା। ବାସ୍ ଏହାକୁ ନେଇ ସେ ସ୍ଥାନୀୟ ପୁଲିସ୍ ସହ କରିଛନ୍ତି ଯୁକ୍ତିତର୍କ। ପୁଲିସ୍ ତାଙ୍କୁ ବୁଝାସୁଝା କରୁଥିବା ବେଳେ ମହିଳା ଜଣଙ୍କ ହାତରେ ମୋବାଇଲ ଧରି ନିଜର ଦାଦାଗିରି ଦେଖାଇଛନ୍ତି। ହରିୟାଣର ଏହି ମହିଳା ପର୍ଯ୍ୟଟକ ଉତ୍ପାତ କରୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ସାମ୍ନାକୁ ଆସିଥିବା ଭିଡିଓ ଅନୁସାରେ, ମହିଳା ପର୍ଯ୍ୟଟକ ଜଣଙ୍କ ଗଙ୍ଗା କୂଳରେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ଥିବା ସ୍ଥାନରେ ମଦ ପିଉଥିଲେ। ଏଥିରେ ପୁଲିସ୍ହସ୍ତକ୍ଷେପ କରିବା ସହ ସ୍ଥାନୀୟ ଅଞ୍ଚଳର କଟକଣା ସମ୍ପର୍କରେ ତାଙ୍କୁ ଜଣାଇଥିଲା। କିନ୍ତୁ ମଦ ନିଶାରେ ଚୂର ମହିଳା ଜଣଙ୍କ ପୁଲିସ୍ ଉପରେ




ଚିତ୍କାର କରିଥିଲେ। ସେ ପୁଲିସ୍କୁ ନାଲି ଆଖି ମଧ୍ୟ ଦେଖାଇଥିଲେ। ପୂରା ଘଟଣା ଏପ୍ରିଲ ୬ତାରିଖରେ ପୁଲ ଛାଟି ଅଞ୍ଚଳରେ ଘଟିଛି। ପୁଲିସ୍ ସହ ଯୁକ୍ତିତର୍କ କରୁଥିବାବେଳେ ମହିଳା ଜଣଙ୍କ କହିଛନ୍ତି ଯେ "ତୁମମାନଙ୍କର ପେଟପାଟଣା ଆମ ମାନଙ୍କ ପାଇଁ ଚାଲିଛି।" ପର୍ଯ୍ୟଟନ ଉପରେ ସ୍ଥାନୀୟ ଅର୍ଥନୀତି ନିର୍ଭର କରୁଥିବାରୁ ସେ ଏପରି କହିଛନ୍ତି। ସେ ନିଜ ଟଙ୍କାରେ ମଦ ପିଉଥିଲେ ଓ ଏଠାରେ ପର୍ଯ୍ୟଟକମାନଙ୍କୁ ଅଯଥାରେ ଟାର୍ଗେଟ କରାଯାଉଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଯୁକ୍ତିତର୍କ ବଢୁଥିବା ବେଳେ ମହିଳାଙ୍କ ସ୍ୱାମୀ ଏଥିରେ ହସ୍ତକ୍ଷେପ କରିଥିଲେ। ସେ ପତ୍ନୀଙ୍କୁ ଘଟଣା ସ୍ଥଳରୁ ନେଇ ଯିବାରୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ମହିଳାଙ୍କ ବିରୋଧରେ ମଦ ପିଇବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ୟକ୍ତିଗତ ସ୍ୱାଧୀନତା ଓ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ କଟକଣା ମଧ୍ୟରେ ସମାନତା ରହିବା ଦରକାର ବୋଲି ଅନେକ କହିଛନ୍ତି।

# ଏପଷ୍ଟିନ ଲିଙ୍କ୍ ଅଭିଯୋଗକୁ ଅସ୍ୱୀକାର କଲେ ମେଲାନିଆ ଟ୍ରମ୍ପ

**ୱାସିଂଟନ(ଏଜେନ୍ସି):** ଗୁରୁବାର ରାତିରେ ପାକିସ୍ତାନରେ ଆମେରିକା-ଇରାନ ଅସ୍ତ୍ରବିରତି ଆଲୋଚନା ସହ ଜଡିତ ଘଟଣାକ୍ରମ ଉପରେ ସମସ୍ତଙ୍କ ନଜର ଥିଲା, ଯେତେବେଳେ ମେଲାନିଆ ଟ୍ରମ୍ପ ଘୋଷଣା କଲେ, ମୋର ଏପଷ୍ଟିନଙ୍କ ସହ କେବେ ବନ୍ଧୁତା ନ ଥିଲା। ଯେତେବେଳେ ହ୍ୱାଇଟ୍ ହାଉସ୍ କହିଲା ଯେ, ମେଲାନିଆ ଟ୍ରମ୍ପ ଏକ ଘୋଷଣା କରିବେ, ସେତେବେଳେ ଏହା କ'ଣ ତାହା କେହି ଜାଣି ନ ଥିଲେ। ଆଶ୍ଚର୍ଯ୍ୟର କଥା, ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଜାଣି ନ ଥିଲେ। ଆମେରିକାର ପ୍ରଥମ ମହିଳା ସ୍ୱର୍ଗତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ସହ କୌଣସି ସମ୍ପର୍କକୁ ଅସ୍ୱୀକାର କରିଛନ୍ତି। ସେ ଏକ ବିରଳ ଓ ଅପ୍ରତ୍ୟାଶିତ ସର୍ବସାଧାରଣ ବିବୃତିରେ କହିଛନ୍ତି, ମୁଁ ଏପଷ୍ଟିନଙ୍କ ଶିକାର ନୁହେଁ। ସ୍ପଷ୍ଟ ଭାବରେ କହିବାକୁ ଗଲେ, ଏପଷ୍ଟିନ କିମ୍ବା ତାଙ୍କ ସହଯୋଗୀ ମ୍ୟାକ୍ସୱେଲଙ୍କ ସହ ମୋର କେବେ ବି ସମ୍ପର୍କ ନ ଥିଲା। ମୁଁ ଏପଷ୍ଟିନଙ୍କ ସହ କେବେବି ବନ୍ଧୁତା କରିନାହିଁ। ଡୋନାଲ୍ଡ ଓ ମୋତେ ସମୟ ସମୟରେ ଏପଷ୍ଟିନଙ୍କ ପରି ସମାନ ପାର୍ଟିକୁ ନିମନ୍ତ୍ରଣ



କରାଯାଇଥିଲା। ଏପଷ୍ଟିନ ମୋତେ ଡୋନାଲ୍ଡ ଟ୍ରମ୍ପଙ୍କ ସହ ପରିଚିତ କରାଇ ନ ଥିଲେ। ମୁଁ ଆକସ୍ମିକ ଭାବରେ ମୋ ସ୍ୱାମୀଙ୍କୁ ଭେଟିଥିଲି। ମେଲାନିଆ ଏତିକିରେ ଅଟକି ନ ଥିଲେ। ସେ ଏପରିକି ଉଲ୍ଲେଖ କରିଛନ୍ତି ଯେ ସେ କେବେବି ଏପଷ୍ଟିନଙ୍କ କୁଖ୍ୟାତ ବିମାନରେ ଯାଇ ନ ଥିଲେ ଏବଂ ତାଙ୍କ ବ୍ୟକ୍ତିଗତ ଦ୍ୱୀପ ପରିଦର୍ଶନ କରିନଥିଲେ। ଏପଷ୍ଟିନଙ୍କ ପୀଡିତଙ୍କ ପ୍ରତି ଦୁର୍ବ୍ୟବହାର ବିଷୟରେ ତାଙ୍କର କୌଣସି ଜ୍ଞାନ ନ ଥିଲା। ୨୦୦୫ରେ ବର୍ତ୍ତମାନର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବିବାହ କରିଥିବା ମେଲାନିଆ କହିଛନ୍ତି ଯେ, ସେ କେବଳ ଏପଷ୍ଟିନଙ୍କ ସହଯୋଗୀ ତଥା ପୂର୍ବତନ ଗାର୍ଲଫ୍ରେଣ୍ଡ ଗିସଲେନ ମ୍ୟାକ୍ସୱେଲଙ୍କ ସହ ସାମୟିକ ଯୋଗାଯୋଗ କରିଥିଲେ ଏବଂ ୨୦୦୨ରେ ମ୍ୟାକ୍ସୱେଲଙ୍କୁ ପଠାଇଥିବା ଏକ ଇମେଲକୁ ଏକ କାଜୁଆଲ୍ ଚିଠି ବୋଲି ବର୍ଣ୍ଣନା କରିଥିଲେ। ବିମାନ, ଦ୍ୱୀପ ଓ ଇମେଲଗୁଡିକର ସଚେତନ ଉଲ୍ଲେଖ କିଛି ନିର୍ଦ୍ଦିଷ୍ଟ ଅଭିଯୋଗକୁ ଅସ୍ୱୀକାର କରିବାକୁ ଏକ ପ୍ରୟାସ ପରି ମନେ ହେଉଥିଲା। କିନ୍ତୁ ଏପଷ୍ଟିନଙ୍କ ସହ ମେଲାନିଆଙ୍କ ସମ୍ପର୍କକୁ ନେଇ କୌଣସି ଗୁଜବ ନ ଥିଲା। କୌଣସି ନୂତନ ଅଭିଯୋଗ ଆସିନାହିଁ। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ମେଲାନିଆଙ୍କ ସ୍ୱାମୀ ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ଏକ ବିବୃତି ଦେବାକୁ ଯାଉଛନ୍ତି ବୋଲି ସେ ଜାଣି ନ ଥିଲେ। ମେଲାନିଆଙ୍କ ଆଶ୍ଚର୍ଯ୍ୟଜନକ ଅଭିଭାଷଣ ଗଣମାଧ୍ୟମ ସମେତ ସମସ୍ତଙ୍କୁ ଚକିତ କରିଦେଇଥିଲା। ସେମାନେ ଏହାକୁ କୌଣସି ସାମ୍ପ୍ରତିକ ଘଟଣା ସହିତ ସଂଯୋଗ କରିପାରିଲେ ନାହିଁ କାରଣ ଏପଷ୍ଟିନଙ୍କ ସହ ମେଲାନିଆଙ୍କ ସମ୍ପର୍କକୁ ନେଇ କୌଣସି ଗୁଜବ ନ ଥିଲା। ତା' ସତ୍ତ୍ୱେ ସେ ଏହା ଉପରେ ବିବୃତି ଦେବାର ଅର୍ଥ କ'ଣ ହୋଇପାରେ? କିଛି ଲୋକ ଅନୁମାନ କରୁଛନ୍ତି ଯେ, ହୁଏତ ଏପରି କିଛି ଅଭିଯୋଗ ଆସିବାର ଆଶଙ୍କା ଥିବା ଜାଣି ମେଲାନିଆ ଆଗରୁ ସ୍ପଷ୍ଟୀକରଣ ଦେଇଛନ୍ତି। ଆଉ କିଛି ମନେ କରୁଛନ୍ତି ଯେ, ଏପଷ୍ଟିନ ଫାଇଲରୁ ଧ୍ୟାନ ହଟାଇବା ପାଇଁ ବୋଧହୁଏ ଟ୍ରମ୍ପ ଇରାନ ଆକ୍ରମଣ କରିଥିଲେ ଏବଂ ବର୍ତ୍ତମାନ ଇରାନ ଯୁଦ୍ଧ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ମେଲାନିଆ ଏପଷ୍ଟିନ ପ୍ରସଙ୍ଗ ଉଠାଇଛନ୍ତି।

## ଆଇନ ଅଦାଲତ

# ମଣ୍ଡିରେ ଧାନ ସଂଗ୍ରହ ଅବ୍ୟବସ୍ଥା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ : ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.):** ମଣ୍ଡି ଖୋଲାଯାଇଛି କିନ୍ତୁ ସେଠାରେ କୃଷକଙ୍କଠାରୁ ଧାନ ସଂଗ୍ରହ କରାଯାଉ ନାହିଁ। ମଣ୍ଡିରେ ନ ଦେଇ, ମିଲ୍ରେ ଧାନ ଦେବାକୁ କୃଷକଙ୍କୁ କୁହାଯାଉଛି। ଏଭଳି ଅଭିଯୋଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଚାଷୀ ଉତ୍ପାଦନ କରୁଥିବା ଧାନକୁ ସରକାର ସଂଗ୍ରହ କରିବେ ବୋଲି ଆଶାବାନ୍ଧି ରହୁଥିବା ବେଳେ ମଣ୍ଡିରେ କିନ୍ତୁ ଧାନ ସଂଗ୍ରହ କରାଯାଉ ନାହିଁ। ମିଲରେ ଧାନ ଦେବାକୁ କୁହାଯାଇଥିବା ବେଳେ ପରିବହନ ଖର୍ଚ୍ଚ ଚାଷୀଙ୍କୁ ବହନ କରିବାକୁ ବାଧ କରାଯାଉଛି ବୋଲି ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହିତ ସପ୍ତାହେ ଭିତରେ ମାମଲାରେ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ମାମଲାରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମକୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏପ୍ରିଲ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡ଼ା ସମେତ ସବୁ ଜିଲ୍ଲାର ମଣ୍ଡିରେ କୃଷକଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ସୁବ୍ୟବସ୍ଥା କରାଯାଉ। କୃଷକମାନଙ୍କୁ ଯେପରି ଦୂରକୁ ଯିବାକୁ ପଡ଼ିବ ନାହିଁ ତାହା ଦୃଷ୍ଟିରେ ରଖି ବ୍ୟବସ୍ଥା କରାଯାଉ। ପରିବହନ ଓ ବସ୍ତା ବାବଦ ଖର୍ଚ୍ଚ କୃଷକ କେମିତି ଫେରି ପାଇବେ ସେଥି ପାଇଁ ପଦକ୍ଷେପ ନିଆଯାଉ। ଧାନ ମାପ ଓ ଗୁଣବତ୍ତା ନାଁରେ କଟ୍ନିଛଟ୍ନି କରି କୃଷକଙ୍କୁ ଅସୁବିଧାରେ ପକାଯାଉଥିବା ଅଭିଯୋଗ ହେଉଛି। ଉପଯୁକ୍ତ ଭାବେ ଧାନ ଓଜନ କରି ଟୋକନ୍ ଅନୁସାରେ ଚାଷୀଙ୍କ ନିକଟରୁ ସଂଗ୍ରହ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଗୋପାଳପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# ଦୁଷ୍କର୍ମ-ହତ୍ୟାକାରୀକୁ ୧୩ ମାସ ଭିତରେ ମିଳିଲା ଦଣ୍ଡ, ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା

**ଅନୁଗୁଳ (ଏନ୍.ଏମ୍.):** ଅନୁଗୁଳ ପୋକ୍ସୋ କୋର୍ଟ ଶୁକ୍ରବାର ଦିନ ବଡ଼ ରାୟ ପ୍ରକାଶ କରିଛନ୍ତି। ପୋକ୍ସୋ କୋର୍ଟ ମାତ୍ର ୧୩ ମାସ ମଧ୍ୟରେ ଏକ ସମ୍ବେଦନଶୀଳ ଘଟଣାର ରାୟ ପ୍ରକାଶ କରିଛନ୍ତି। ଏହି କ୍ରମରେ କୋର୍ଟ ଜଣେ ୪ ବର୍ଷ ୧୦ ମାସ ବୟସର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ମାମଲାରେ ଦୋଷୀକୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ସବୁ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏଭଳି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀରୁ ଜଣାଯାଏ ୨୦୨୫ ମସିହା ମାର୍ଚ୍ଚ ୧୪ ତାରିଖରେ ନିଶା ଶିକ୍ସାଞ୍ଚଳ ଥାନା ଅଞ୍ଚଳର ଜଣେ ୪ ବର୍ଷ ୧୦ ମାସର ନାବାଳିକା ଝିଅ ନିଖୋଜ ଥିବା ନେଇ ଅଭିଯୋଗ ଆଣିଥିଲେ ପରିବାର ଲୋକେ। ନିଶା ଶିକ୍ସାଞ୍ଚଳ ଥାନା ପୁଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ୧୫ ତାରିଖରେ ଘର ପାଖ ମହୁଲ ଗଛ ନିକଟରେ



ନାବାଳିକାର ମୃତଦେହ ଉଦ୍ଧାର ହୋଇଥିଲା। ପୋଷ୍ଟମର୍ଟମ ରିପୋର୍ଟରୁ ନାବାଳିକାକୁ ଦୁଷ୍କର୍ମ ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ନେଇ ଜଣାପଡ଼ିଥିଲା। ଏ ଘଟଣାରେ ପୁଲିସ ୧୭ ତାରିଖରେ ଅନୁଗୁଳ ଜିଲ୍ଲା ଜରପଡା ଥାନା ଜେରେଙ୍ଗ ଗାଁର ୪୦ ବର୍ଷୀୟ ବାବୁଲା ଜେନାକୁ ଗିରଫ କରିଥିଲା। ପୋକ୍ସୋ କୋର୍ଟ ଏ ମାମଲାର ବିଚାର କରି ଡିଏନ୍ଏ ରିପୋର୍ଟ, ଫରେନ୍ସିକ ତଥ୍ୟ ଓ ସାକ୍ଷ୍ୟ ପ୍ରମାଣ ଆଧାରରେ ବାବୁଲାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜି ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। କୋର୍ଟଙ୍କ ଏହି ରାୟଙ୍କୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରାଯାଉଛି। ଦୋଷୀକୁ ଉପଯୁକ୍ତ ଦଣ୍ଡ ମିଳିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଋଷ-ୟୁକ୍ରେନ ଯୁଦ୍ଧକ୍ଷେତ୍ରରେ ବନ୍ଧକ ଭାରତୀୟ, କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ କଡ଼ା ଚେତାବନୀ

**ନୂଆଦିଲ୍ଲୀ(ଏଜେନ୍ସି):** ଋଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ବଳପୂର୍ବକ ନିୟୋଜିତ ହୋଇଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଅତ୍ୟନ୍ତ ଗମ୍ଭୀର ଆଭିମୁଖ୍ୟ ଗ୍ରହଣ କରି ଏହି ସମ୍ବେଦନଶୀଳ ମାମଲାକୁ ଏକ ''ଜାତୀୟ ଗୁରୁତ୍ୱର ବିଷୟ'' ଭାବେ ଅଭିହିତ କରି ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, କେନ୍ଦ୍ର ସରକାର ଓ ବୈଦେଶିକ ମନ୍ତ୍ରଣାଳୟକୁ ନୋଟିସ୍ ଜାରି କରି ଜବାବ ତଲବ କରିଛନ୍ତି। ପ୍ରତାରଣାର ଶିକାର ହୋଇଥିବା ୨୬ ଜଣ ଭାରତୀୟଙ୍କ ପରିବାର ପକ୍ଷରୁ ଦାୟର ଆବେଦନରେ ଦର୍ଶାଯାଇଛି ଯେ, ନିଯୁକ୍ତି ଓ ପର୍ଯ୍ୟଟନ ବାହାନାରେ ଏଜେଣ୍ଟମାନେ ସେମାନଙ୍କୁ ଋଷ ପଠାଇଥିଲେ ମଧ୍ୟ ସେଠାରେ ପହଞ୍ଚିବା ପରେ ସେମାନଙ୍କ ପାସପୋର୍ଟ ଜବତ କରାଯାଇଥିଲା। ଦୁର୍ଭାଗ୍ୟବଶତଃ, ସେମାନଙ୍କୁ ବୁଝିପାରୁନଥିବା ଭାଷାରେ ଚୁକ୍ତିନାମା ସ୍ୱାକ୍ଷର କରାଇ ରକ୍ତାକ୍ତ ଯୁଦ୍ଧକ୍ଷେତ୍ରକୁ ଠେଲି ଦିଆଯାଇଛି, ଯାହା ସେମାନଙ୍କ ଜୀବନ ଓ ମୌଳିକ ସାମ୍ବିଧାନିକ ଅଧିକାରର



ଚରମ ଉଲ୍ଲଂଘନ ଅଟେ।

କୁପିଆନ୍ସକ୍ ଓ ସେଲିଡୋଭୋ ଭଳି ଭୟଙ୍କର ସଂଘର୍ଷପୂର୍ଣ୍ଣ ଅଞ୍ଚଳରେ ଫସି ରହିଥିବା ଏହି ଯୁବକମାନଙ୍କ ସହ ସେପ୍ଟେମ୍ବର-ଅକ୍ଟୋବର ୨୦୨୫ ପରଠାରୁ କୌଣସି ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ବୈଦେଶିକ ମନ୍ତ୍ରଣାଳୟ ଓ ଋଷରେ ଥିବା ଭାରତୀୟ ଦୂତାବାସକୁ ବାରମ୍ବାର ଗୁହାରି ସତ୍ତ୍ୱେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବାରୁ ପରିବାର ବର୍ଗ ଏବେ ଗଭୀର ଆଶଙ୍କା ମଧ୍ୟରେ ରହିଛନ୍ତି। ସମ୍ବିଧାନର ଧାରା ୩୨ ଅନୁଯାୟୀ କୋର୍ଟରେ ଦାୟର ଏହି ଆବେଦନରେ ଭାରତୀୟ ନାଗରିକଙ୍କ ଜୀବନ ଓ ମର୍ଯ୍ୟାଦା ରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ତୁରନ୍ତ ହସ୍ତକ୍ଷେପ ଲୋଡ଼ାଯାଇଛି। କେନ୍ଦ୍ର ସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରି କୋର୍ଟ ଏହି ଘଟଣାକୁ ଏକ ମାନବିକ ସଂକଟ ଭାବେ ଗ୍ରହଣ କରିଥିବାବେଳେ, ବିଦେଶ ମାଟିରେ ବିପଦରେ ଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଏବେ କୁଟନୈତିକ ଚାପ ସୃଷ୍ଟି ହୋଇଛି।

ନିଷ୍କର୍ଷ
NISHKARSHA

## ସମ୍ପାଦକୀୟ

# ଏଲପିଜି ଯୋଗାଣରେ ଭାରତର ଶକ୍ତି ସ୍ଥିରତା

ସୋସିଆଲ ମିଡିଆରେ ଏଲପିଜି ଉପଲବ୍ଧତା ବିଷୟରେ ସାମ୍ପ୍ରତିକ ଚର୍ଚ୍ଚା ବାସ୍ତବତା ଅପେକ୍ଷା ଅଧିକ ଧାରଣାକୁ ପ୍ରତିଫଳିତ କରେ । ବିଶ୍ୱବ୍ୟାପୀ ଭୂରାଜନୈତିକ ଉତ୍ତେଜନା କିଛି ଆମଦାନୀ ଟ୍ୟାଙ୍କରକୁ ମନ୍ଥର କରିଦେଇଥିବା ବେଳେ, ଭାରତର ଘରୋଇ ଏଲପିଜି ଭିତ୍ତିଭୂମି ଉଲ୍ଲେଖନୀୟ ଭାବରେ ସ୍ଥିର ପ୍ରମାଣିତ ହୋଇଛି । ୩୩ କୋଟିରୁ ଅଧିକ ଘରୋଇ ସଂଯୋଗ ଏବଂ ୨୧୦ ବଟଲିଂ ପ୍ଲାଣ୍ଟର ଏକ ସୁପ୍ରତିଷ୍ଠିତ ନେଟୱାର୍କ ସହିତ ଏହି ବ୍ୟବସ୍ଥା କ୍ଷଣସ୍ଥାୟୀ ଆଘାତକୁ ସହ୍ୟ କରିବା ପାଇଁ ନିର୍ମିତ ଏବଂ ବର୍ତ୍ତମାନର ପଦକ୍ଷେପଗୁଡ଼ିକ ତାହା ନିଶ୍ଚିତ କରୁଛି । ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଭୂରାଜନୈତିକ ଘଟଣାଗୁଡ଼ିକ ଆମର ଆମଦାନୀନିର୍ଭରଶୀଳ ଏଲପିଜି ପରିମାଣର ପ୍ରାୟ ୬୦ ପ୍ରତିଶତକୁ ପ୍ରଭାବିତ କରିଛି । ତଥାପି ଘରୋଇ ଉତ୍ପାଦନ ଦ୍ରୁତ ଗତିରେ ୨୫ ପ୍ରତିଶତ ବୃଦ୍ଧି ପାଇଥିଲା, ରିଫାଇନାରୀଗୁଡ଼ିକ ସରକାରୀ ନିର୍ଦ୍ଦେଶ ଅନୁଯାୟୀ କେବଳ ଘରୋଇ ରନ୍ଧନ ଗ୍ୟାସକୁ ଫିଡଷ୍ଟକ୍ ସ୍ଥାନାନ୍ତର କରିଥିଲେ । ଏହା ସହିତ ୯୨,୭୦୦ ଟନର ଦୁଇଟି ପ୍ରମୁଖ ଯୋଗାଣ ଟ୍ୟାଙ୍କର ଆମଦାନୀ ଦେଶର ସକ୍ରିୟ କୂଟନୀତି ଏବଂ କାର୍ଯ୍ୟରେ ସଠିକ୍ ଲଜିଷ୍ଟିକ୍ସ ଯୋଜନାର ପ୍ରମାଣ ଦିଏ । ଘରୋଇ ଯୋଗାଣକୁ ସର୍ବୋଚ୍ଚ ଜାତୀୟ ପ୍ରାଥମିକତା ଭାବରେ ଘେରାବନ୍ଦୀ କରାଯାଇଛି ଯାହା ସ୍ୱଷ୍ଟ ନୀତିଗତ ପାର୍ଥକ୍ୟ ପାଇଁ ଭାରତକୁ ପୃଥକ କରିଛି । ବାଣିଜ୍ୟିକ ଉପଭୋକ୍ତାମାନେ ଅସ୍ଥାୟୀ ପରିବର୍ତ୍ତନର ସମ୍ମୁଖୀନ ହେଉଛନ୍ତି କିନ୍ତୁ ୩୩ କୋଟି ପରିବାର ୨୫,୬୦୦ ବିତରକ ଏବଂ ୧୫-୧୮ ଦିନର ଜାତୀୟ ବଫର ଷ୍ଟକ୍ ମାଧ୍ୟମରେ ରିଫିଲ୍ ପାଉଛନ୍ତି । ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାର ୧୦ କୋଟିରୁ ଅଧିକ ହିତାଧିକାରୀଙ୍କ ପର୍ଯ୍ୟନ୍ତ ବିତରଣକୁ ଆହୁରି ସୁଦୃଢ଼ କରିଛି, ଯାହାଦ୍ୱାରା ସଙ୍କଟ ଏକ ପରିଚାଳିତ ପରିବର୍ତ୍ତନରେ ପରିଣତ ହୋଇଛି । ଭାରତ ଏଲଏନଜି ଟର୍ମିନାଲଗୁଡ଼ିକୁ ବିସ୍ତାର କରିବା ଆରମ୍ଭ କରିସାରିଛି, କ୍ରସ୍-କଣ୍ଟ୍ରି ପାଇପଲାଇନ୍ ନିର୍ମାଣ କରୁଛି ଏବଂ ସ୍ୱଦେଶୀ ଉତ୍ପାଦନରେ ନିବେଶ କରୁଛି । କେବଳ କାଣ୍ଡଲାଗୋରଖପୁର ପାଇପଲାଇନ୍ ଜାତୀୟ ଏଲପିଜି ଚାହିଦାର ୨୫ ପ୍ରତିଶତ ପରିବହନ କରିବ ଯାହା ଉପକୂଳ ନିର୍ଭରଶୀଳତା ହ୍ରାସ କରିବ । ସହରାଞ୍ଚଳରେ ସହର ଗ୍ୟାସ ବଣ୍ଟନ ଏବଂ ବୈଦ୍ୟୁତିକ ରୋଷେଇ ପାଇଲଟ୍ ଉପରେ ନୂତନ ଧ୍ୟାନ ଭବିଷ୍ୟତର ଯୋଗାଣକୁ ଆହୁରି ସୁଦୃଢ଼ କରିବ । ବିଶ୍ୱ ଶକ୍ତି ବଜାର ଉପରେ ନଜର ରଖୁଥିବା ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି ଯେ, ଏପରି ବାଧାଗୁଡ଼ିକ ଅସ୍ଥାୟୀ; ମାଲ ପରିବହନ ଦର ସ୍ୱାଭାବିକ ହୁଏ ଏବଂ ବିକଳ୍ପ ସୋର୍ସିଂ ରୁଟ୍ ତଥା ବର୍ଦ୍ଧିତ ଆମେରିକୀୟ କାର୍ଗୋ ଶୀଘ୍ର ସକ୍ରିୟ ହୁଏ । ଭାରତର ୨୨.୪ ଏମଏମଟିପିଏ ବଟଲିଂ କ୍ଷମତା ଏବଂ ସ୍ୱୟଂଚାଳିତ ପ୍ଲାଣ୍ଟ ଯେଉଁଥିରୁ ଅନେକଗୁଡ଼ିଏ ସୌରଶକ୍ତିରେ ଚାଲୁଛି ଏହା ନିଶ୍ଚିତ କରନ୍ତି ଯେ ଥରେ ଜାହାଜ ଡକ୍ ହୋଇଗଲେ ବଣ୍ଟନ କିଛି ଦିନ ମଧ୍ୟରେ ସ୍ୱାଭାବିକ ହୁଏ । ପ୍ରକୃତ ଚ୍ୟାଲେଞ୍ଜ ହେଉଛି ଲୋକଙ୍କ ଧାରଣା ପରିଚାଳନା କରିବା । ବାଣିଜ୍ୟିକ ଧାଡ଼ିର ଭାଇରାଲ ଭିଡିଓଗୁଡ଼ିକ ସୁରକ୍ଷିତ ପରିବାର ଶୃଙ୍ଖଳକୁ ପ୍ରତିଫଳିତ କରେ ନାହିଁ । ନାଗରିକମାନେ ମନେ ରଖିବା ଉଚିତ ଯେ ଭାରତ ୨୦୧୪ ରେ ୧୪.୫ କୋଟିରୁ ଆଜି ୩୩ କୋଟିରୁ ଅଧିକ ଏଲପିଜି ସଂଯୋଗକୁ ଦ୍ୱିଗୁଣିତ କରିଛି, ପ୍ରାୟ ସାର୍ବଜନୀନ ପ୍ରବେଶାସ୍ୱୀକାର ହାସଲ କରିସାରିଛି । ଏହି ଭିତ୍ତିଭୂମି ରାତାରାତି ଉଭା ହୋଇନାହିଁ; ଏହା ଜାରି ରହିଥିବା ନିରନ୍ତର ନୀତିଗତ ପ୍ରାଥମିକତାର ଫଳାଫଳ ଶେଷରେ, ବର୍ତ୍ତମାନର ପରିସ୍ଥିତି ଭାରତ ପାଇଁ ହେଉଛି ଏକ ସ୍ଥିରତାର ପରୀକ୍ଷା ଯେ ଭାରତ ଉତ୍ପାଦନକୁ ବୃଦ୍ଧି କରୁଛି, ଆସୁଥିବା ପରିବହନ, ବିତରଣକ ଏବଂ ସତର୍କ ତଦାରଖକୁ ପ୍ରାଥମିକତା ଦିଆଯାଉଛି । ବିଶ୍ୱ ପରିବହନ ସ୍ଥିର ହେବା ସହିତ ବାଣିଜ୍ୟିକ ବାଧା ହ୍ରାସ ପାଇବ, କିନ୍ତୁ ଘରୋଇ ଯୋଗାଣ କେବେବି ବିପଦରେ ନଥିଲା । ଯୁକ୍ତିଯୁକ୍ତ ଜନସାଧାରଣ ପ୍ରତିକ୍ରିୟା, ଯାଞ୍ଚ କରାଯାଇଥିବା ସୂଚନା ସହିତ, ସମ୍ପୂର୍ଣ୍ଣ ସ୍ୱାଭାବିକତାକୁ ଶୀଘ୍ର ପୁନଃସ୍ଥାପିତ କରିବାରେ ସାହାଯ୍ୟ କରିବ । ଭାରତର ଶକ୍ତି ସୁରକ୍ଷା ସ୍ଥାପତ୍ୟ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଏହି ଏପିସୋଡ୍ କେବଳ ଏହାର ଦୃଢ଼ତାକୁ ଉଲ୍ଲେଖ କରେ ।

– ସୁନିଲ୍ ଦାସବର୍ମା

## କବିତା ଗୁଚ୍ଛ

### ଭଙ୍ଗା ମନର ବେଦନା, ତଥାପି ସାଙ୍ଗ ...



ସାଙ୍ଗ ହେଲୁ କଥାଦେଲୁ କଥାନେଲୁ
ସମୟ ଚକ୍ରରେ ସବୁକିଛି ଭୁଲିଗଲୁ
ଆମ ଦୁହିଁଙ୍କ ଭିତରେ ଥିବା ଗୋପନ କଥାକୁ
ହାଟ ମଝିରେ ବିକିଦେଲୁ
ସାଙ୍ଗ କି ଲାଭ ପାଇଲୁ ।
ନିଜର ଖୁସି ପାଇଁ ବିଭୀଷଣ ପାଲଟିଲୁ
ମୃତ୍ୟୁର ରହସ୍ୟ ଶତ୍ରୁହାତେ ଟେକିଦେଲୁ
ଦୁଃଖ ସୁଖର ସାଥି ଥିଲେ
କେତେ କଥା ହେଉଥିଲେ
ହାଟ ମଝିରେ ବଖାଣିଲୁ
ସାଙ୍ଗ କି ଲାଭ ପାଇଲୁ ।
ପାପ ଆଉ ପୂଣ୍ୟ, ଖୁସି ଆଉ ଦୁଃଖ
ବାଣ୍ଟି ଦେଉଥିଲେ ମିଳୁଥିଲା ସୁଖ
ଆମ ଭିତରେ ଥିବା ଅକୁହା ଘଟଣା
ଆନ ଆଗେ କହିଦେଲୁ
ସାଙ୍ଗ କି ଲାଭ ପାଇଲୁ ।
ଯଦି କରିଥାଏ କିଛି ଦୋଷ
ଦେବୁ କ୍ଷମା ବୋଲି କଲି ଆଶ
ତଥାପି ଚାହିଁଛି ତୋ ଭଲ ପାଇବା
ନିଛାଟିଆ ସ୍ଥାନରେ ଏକାଠି ବସିବା
ତଥାପି ମୁଁ ପରା ସାଙ୍ଗ...
ମୋ ଦୁଃଖ ଦେଖି ତୁ ହସି ଦେଏ ଟିକେ
ମୋ ଆତ୍ମା ହସିବ କୁଲୁକୁଲୁ ।

– ସରୋଜ କୁମାର ସାହୁ
ଆଠଗଡ଼, କଟକ

# ଜିରୋ କାର୍ବନ, ବିଶ୍ୱ ପାଇଁ ଥୋରିୟମ ହିଁ ଭରଷା !



– ଡକ୍ଟର ନୀଳମଣି ସୂତାର

ପାରମାଣବିକ ଶକ୍ତି ପାଇଁ ୟୁରାନିୟମ ଓ ଥୋରିୟମ ଉଭୟ ମୌଳିକ ପଦାର୍ଥ ନିହାତି ଜରୁରୀ । କିନ୍ତୁ ଥୋରିୟମ ଭିତ୍ତିକ ଚୁଲି ଗୁଡିକ ବେଶି ପରିବେଶ ବାନ୍ଧବ, ଏବଂ ଭାରତ ବର୍ଷରେ ଏହି ମୌଳିକ ପଦାର୍ଥର ଭଣ୍ଡାର ବି ବିପୁଳ ମାତ୍ରାରେ ଗଚ୍ଛିତ ଅଛି । ୨୦୫୦ ମସିହା ବେଳକୁ ବିଶ୍ୱଶକ୍ତିର ମାନଚିତ୍ରରେ ଖଣିଜ ତୈଳ ଆଉ ଗ୍ୟାସର ଉପସ୍ଥିତି ଦେଖିବାକୁ ମିଳିବ ନାହିଁ । ବରଂ ଏହି ମାନଚିତ୍ରରେ ସ୍ଥାନ ପାଇବ ଭାରତର ସମୁଦ୍ର ସୈକତରେ ମହଜୁଦଥିବା ମୋନାଯାଇଟ ବାଲି । ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ, ବିଶାଖାପଟ୍ଟନମ, ଓଡ଼ିଶାର ଛତ୍ରପୁର, କେରଳର କୋଲ୍ଲାମ, ଆଲାପୁଜା, ତାମିଲନାଡୁର ମାନ୍ନାଭାଲାକୁଡିଚିର ସମୁଦ୍ର ସୈକତର ବାଲିଶଯ୍ୟାରେ ରହିଛି ୟୁରାନିୟମ ଓ ଥୋରିୟମ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଲାନ୍ଥାନମ, ସେରିୟମ, ନିଓଡ଼ିବିୟମ ପରି ବିରଳ ଖଣିଜ ଭଣ୍ଡାର । ୨୦୨୬ ମସିହାର ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଭାରତରେ ମୋନାଯାଇଟ ବାଲିର ପରିମାଣ ୧ କୋଟି ୩୧ ଲକ୍ଷ ୫୦ ହଜାର ମେଟ୍ରିକ ଟନ । ଏହି ବାଲିରେ ଅଛି ଥୋରିୟମ, ଯାହାର ପରିମାଣ ୧୦ ଲକ୍ଷ ୮ ହଜାରରୁ ୧୨ ଲକ୍ଷ ମେଟ୍ରିକ ଟନ ହେବ ବୋଲି ଅନୁମାନ କରାଯାଏ । ଏହି ବାଲିକୁ ନେଇ ଭାରତ କି ପ୍ରକାର ପ୍ରତାରଣାର ଶିକାର ହୋଇଛି, ତାହା ଜାଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ।

ଊନବିଂଶ ଆରମ୍ଭରୁ ବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ୟୁରୋପର ପଣ୍ୟ ବୋଝେଇ ଜାହାଜ ଭାରତର ସମୁଦ୍ର ଉପକୂଳର ବନ୍ଦରେ ନଙ୍ଗର ଟାଣନ୍ତି । ବେପାର ସାରି ଫେରିବା ସମୟରେ ସମୁଦ୍ର ସୈକତରେ ମାଇଲ ମାଇଲ ଧରି ପଡିରହିଥିବା କଳା ବାଲିକୁ ବସ୍ତା ବସ୍ତା ଭରି ଖାଲି ଜାହାଜରେ ବୋଝେଇ କରି ନେଇ ଚାଲିଯାନ୍ତି । ବାଲି ନେଇଯିବା ପଛରେ ଯୁକ୍ତି ଥିଲା, ଉତ୍ତାଳ ଭାରତ ମହାସାଗରରେ ଜାହାଜଗୁଡିକୁ ସ୍ଥିତିଶୀଳ ରଖିବା ପାଇଁ ନାବିକମାନେ ଜାହାଜରେ ଖାଲିଥିବା ଖୋଲମାନଙ୍କରେ ସମୁଦ୍ର ସୈକତର ବାଲି ଭରି ନେଉଛନ୍ତି, ଯାହା ଭାର ବା ବ୍ୟାଲାଷ୍ଟ ହିସାବରେ କାମ କରୁଛି । ଭାରତୀୟ ବାଲିରେ ଯେ ଏକ ବିଶେଷତ୍ୱ ରହିଛି, ସେକଥା ପ୍ରଥମେ ଜଣାପଡେ ୧୯୦୯ ମସିହାରେ । ଜର୍ମାନର ବର୍ଲିନ ରାଜରାସ୍ତାର ଧାରେ ଧାରେ ଆଲୋକର ପିଲାର ଗୁଡ଼ିକରେ ଯେଉଁ ମ୍ୟାଣ୍ଟଲ ଗୁଡିକ ରାତି ରାତି ଧରି ଜଳୁଥିଲା ସେଥିରେ ବ୍ୟବହୃତ ହେଉଥିଲା ଏଇ ଥୋରିୟମ । ବିଶିଷ୍ଟ ଜର୍ମାନ ରାସାୟନବିତ୍ ସି .ଡବ୍ଲୁ. ଶାମବର୍ଗ ଉଚ୍ଚ ମାନର ଥୋରିୟମର ସନ୍ଧାନ କରିବାକୁ ଯାଇ ଖୋଜି ପାଆନ୍ତି କେରଳର ଏଇ ମୋନାଯାଇଟ ବାଲି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ପାରମାଣବିକ ଜାଳେଣିର ସୂଚନା ମିଳେ । ବ୍ରିଟିଶ ସରକାର ଭାରତୀୟ ବାଲିରୁ ୟୁରାନିୟମ ଓ ଥୋରିୟମର ସନ୍ଧାନ ପାଆନ୍ତି । ସ୍ୱାଧୀନତା ପରେ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା ବୁଝିପାରନ୍ତି ଭବିଷ୍ୟତରେ ଭାରତବର୍ଷର ପାରମାଣବିକ ଶକ୍ତିର ଗୋଟିଏ ବିଶାଳ ଭଣ୍ଡାର ଏଇ କଳା ବାଲିରେ ଲୁଚିରହିଛି । ୧୯୫୦ ମସିହାରେ ରେଆର ଆର୍ଥସ ଲିମିଟେଡ ନାମକ ସରକାରୀ ସଂସ୍ଥାନ ଗଠନ କରାଯାଇଥିଲା । ବିନାମୂଲ୍ୟରେ ନେଇଯାଉଥିବା ଏହି ମୂଲ୍ୟବାନ ସମ୍ପଦ ଉପରେ ନିଷେଧାଜ୍ଞା ଜାରି କରାଗଲା । ଆମ ଦେଶରେ ଦୀର୍ଘ ବର୍ଷ ଧରି ଏହି କଳା ବାଲି ସାଧାରଣ ନିର୍ମାଣ ସାମଗ୍ରୀ ହିସାବରେ ବ୍ୟବହାର କରାଯାଉଥିଲା । କାରଣ ଖାଲି ଆଖିରେ ଅଦୃଶ୍ୟ ଖଣିଜ ପଦାର୍ଥକୁ ଶନାକ୍ତ କରିବା ସମ୍ଭବପର ନଥିଲା । ତା' ଛଡା ଆମ ପାଖରେ ଅତ୍ୟାଧୁନିକ ଯନ୍ତ୍ରପାତି ନଥିଲା କି ରାସାୟନିକ ବିଶ୍ଳେଷଣ କରିବାର ସଠିକ ଧାରଣା ଆମକୁ ଜଣା ନଥିଲା । ଆନ୍ତର୍ଜାତିକ ସ୍ତରରେ ଜାଳେଣୀର ଭଣ୍ଡାର ହିସାବରେ ଭାରତର ସ୍ଥାନ ସେତେଟା ଉଲ୍ଲେଖଯୋଗ୍ୟ ନୁହେଁ । ଅବଶ୍ୟ ଖଣିଜ ତୈଳ ପରିଶୋଧନକାରୀ ଦେଶଗୁଡିକ ମଧ୍ୟରେ ଭାରତର ସ୍ଥାନ ଚତୁର୍ଥ । ଉତ୍ପାଦନ କାରବାର କ୍ଷମତାକୁ ଯଦି ନିରିଖେଇ ଦେଖାଯାଏ ତ ସୌରଶକ୍ତିରେ ତୃତୀୟ, ବାୟୁଶକ୍ତିରେ ଚତୁର୍ଥ ଏବଂ ଜଳବିଦ୍ୟୁତ ଶକ୍ତିରେ ପଞ୍ଚମ ସ୍ଥାନରେ ଭାରତ । ପାରମାଣବିକ ଶକ୍ତି କ୍ଷେତ୍ରରେ ଭାରତର ସ୍ଥାନ ତ୍ରୟୋଦଶ, ଯଦିଓ ୨୫% ଥୋରିୟମ ସମ୍ପଦର ଅଧିକାରୀ ଭାରତ । ବିଶ୍ୱ ପରିବେଶରେ କାର୍ବନର ମାତ୍ରା କମାଇବା ପାଇଁ ଜୀବାଶ୍ମ ଜାଳେଣୀର ବ୍ୟବହାର କମ କରିବା ପାଇଁ ଚେଷ୍ଟା କରାହେଉଛି । ତା' ଛଡା ପ୍ରକୃତି ବୁକୁରେ ଏହି ସୀମିତ ଜାଳେଣୀର ଭଣ୍ଡାର ବି ବେଶି ଦିନର ନୁହେଁ । ଅପ୍ରଚଳିତ ଶକ୍ତି ହିସାବରେ ସୌରଶକ୍ତି ବା ପବନଶକ୍ତି ପରୋକ୍ଷରେ କି ପ୍ରତ୍ୟକ୍ଷରେ ହେଉନା କାହିଁକି ପ୍ରକୃତି ଉପରେ ନିର୍ଭରଶୀଳ । ଏକମାତ୍ର ପାରମାଣବିକ ଶକ୍ତି ଆଗାମୀ କେତେ ବର୍ଷ ଧରି କାର୍ବନ ବିହୀନ ଜାଳେଣୀର କ୍ଷମତା ରଖୁଛି । ଭାରତର ଲକ୍ଷ୍ୟ, ସ୍ୱାଧୀନତାର ଏକଶତ ବର୍ଷ ଉପଲକ୍ଷେ, ୨୦୪୭ ମସିହା ବେଳକୁ ୧୦୦ ଗିଗା ୱାଟ ପାରମାଣବିକ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାର କ୍ଷମତା ଅର୍ଜନ କରିବ । ଭାରତୀୟ ପାରମାଣବିକ ପ୍ରତିଷ୍ଠାନଗୁଡିକଙ୍କ ମତରେ ଆଗାମୀ ଚାରି ଶତକ ଧରି ଉଲ୍ଲେଖଯୋଗ୍ୟ ଥୋରିୟମ ଭଣ୍ଡାର ବ୍ୟବହାର କରିବା ଭଳି କ୍ଷମତା ଭାରତ ପାଖରେ ରହିଛି । ଏଇଥିପାଇଁ ଲୋଡ଼ା କୌଶଳଗତ ପରିକଳ୍ପନା । ପାରମାଣବିକ ଶକ୍ତି ଉତ୍ପାଦନରେ ୟୁରାନିୟମ ଓ ଥୋରିୟମର ବ୍ୟବହାର ଅନସ୍ୱୀକାର୍ଯ୍ୟ । କିନ୍ତୁ ଏହି ଦୁଇ ମୌଳିକର ବ୍ୟବହାରରେ ପାର୍ଥକ୍ୟ ରହିଛି । ୟୁରାନିୟମ ହେଉଛି ରେଡି ଟୁ ବର୍ଣ୍ଣ - ଅର୍ଥାତ ୟୁରାନିୟମକୁ ଚୁଲିରେ ରଖିବା ମାତ୍ରେ ହିଁ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇଯିବ । କିନ୍ତୁ ଥୋରିୟମକୁ ଏମିତି ଜାଳି ହେବନି । ସେଥିପାଇଁ ଏହାକୁ କୁହାଯାଏ କୁକ ଟୁ ବର୍ଣ୍ଣ ,ଅର୍ଥାତ ଜାଳେଣି ହିସାବରେ ବ୍ୟବହାର କରିବାକୁ ହେଲେ କେତୋଟି ପର୍ଯ୍ୟାୟ ମଧ୍ୟ ଦେଇ ଯିବାକୁ ହୁଏ । ଥୋରିୟମ ଯେତେବେଳେ ୟୁରାନିୟମ ୨୩୩ ଆଇସୋଟୋପରେ ରୂପାନ୍ତରିତ ହୁଏ, ସେତେବେଳେ ତାକୁ ଜାଳେଣି ହିସାବରେ ବ୍ୟବହାର କରାଯାଏ । ୟୁରାନିୟମ ତୁଳନାରେ ଥୋରିୟମ ଭିତ୍ତିକ ଚୁଲିଗୁଡିକ କମ ପରିମାଣର ତେଜଷ୍କ୍ରିୟ ବର୍ଜ୍ୟବସ୍ତୁ ନିର୍ଗତ କରିଥାନ୍ତି ଏବଂ ଗ୍ରୀନ ହାଉସ ଗ୍ୟାସ ଉତ୍ପନ୍ନ କରନ୍ତି ନାହିଁ । ତେଣୁ ଥୋରିୟମକୁ ପରିବେଶର ବନ୍ଧୁ ଜାଳେଣି ବୋଲି କୁହାଯାଏ । ହୋମି ଜାହାଙ୍ଗୀର ଭାବା ପାଞ୍ଚ ଦଶକରେ ତିନି ପର୍ଯ୍ୟାୟରେ ପାରମାଣବିକ ବିଦ୍ୟୁତ କର୍ମସୂଚୀ ପ୍ରସ୍ତୁତ କରିଥିଲେ । ଏହି କର୍ମସୂଚୀର ମୂଳ ଉଦ୍ଦେଶ୍ୟ ଥିଲା, ଦେଶର ସୀମିତ ୟୁରାନିୟାମକୁ ବ୍ୟବହାର କରି ଥୋରିୟମକୁ ୟୁରାନିୟମ ୨୩୩ ରେ ରୂପାନ୍ତରିତ କରିବା, ଯାହାକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ ସମ୍ଭବ । ତେଜଷ୍କ୍ରିୟ ମୌଳିକ ୟୁରାନିୟମର ପ୍ରୋଟନ ସଂଖ୍ୟା ୯୨, କିନ୍ତୁ ନ୍ୟୁଟ୍ରନ ପରିବର୍ତ୍ତନ ହେଉଥିବା ଫଳରେ ୟୁରାନିୟମକୁ ତିନୋଟି ରୂପରେ ଦେଖାଯାଏ । ସେଗୁଡିକ ହେଉଛି ୟୁରାନିୟମ-୨୩୩, ୟୁରାନିୟମ-୨୩୫ ଓ ୟୁରାନିୟମ-୨୩୮ । ସିଧାସଳଖ ଭାବରେ ୟୁରାନିୟାମର ଜାଳେଣି ସାରା ବିଶ୍ୱରେ ପ୍ରାୟତଃ ଚାରିଶହରୁ ଉର୍ଦ୍ଧ୍ୱ ପାରମାଣବିକ ଚୁଲିରେ ବ୍ୟବହାର ହେଉଛି । ବିଭିନ୍ନ ଚୁଲିରେ ବିଭିନ୍ନ ପ୍ରକାରର ଜାଳେଣି ବ୍ୟବହାର କରାଯାଏ । ଚାପଯୁକ୍ତ ଭାରୀଜଳ ଚୁଲିରେ ପ୍ରାକୃତିକ ୟୁରାନିୟମ ଜାଳେଣି ହିସାବରେ ବ୍ୟବହୃତ ହୋଇଥାଏ । ପ୍ରାକୃତିକ ୟୁରାନିୟାମରେ ରହିଛି ୯୯.୩ % ୟୁରାନିୟମ-୨୩୮ ଏବଂ ୦.୭% ୟୁରାନିୟମ-୨୩୫ । ୟୁରାନିୟମ -୨୩୫ ହେଉଛି ପ୍ରଧାନ ଜାଳେଣି, ଯାହା ନିଜେ ବିଭାଜିତ ହୋଇ ବିଦ୍ୟୁତ ଉତ୍ପନ୍ନ କରିଥାଏ । ୟୁରାନିୟମ -୨୩୮ ଅନେକମାତ୍ରାରେ ନୀରବ ଦର୍ଶକ ପରି । ଯେତେବେଳେ କୌଣସି ହାଲୁକା ନ୍ୟୁଟ୍ରନ ଆସି ୟୁରାନିୟମ -୨୩୮କୁ ଆଘାତ କରେ ସେତେବେଳେ ତେଜଷ୍କ୍ରିୟ ବିଭାଜନ ଘଟି ୟୁରାନିୟମ -୨୩୫ ତିଆରି ହୋଇଯାଏ । ଭାରତରେ କାକରାପାଡ, କାଇଗା, ନାରୋରା , କଲ୍ପକମ ଆଉ ତାରାପୁର ଠାରେ ଏହି ଧରଣର କୋଡିଏଟି ପାରମାଣବିକ ଚୁଲି ରହିଛି । ଅଳ୍ପ ପରିମାଣରେ ସମୃଦ୍ଧ ୟୁରାନିୟମ-୨୩୫ (୩ - ୫ %) ଜାଳେଣି ହିସାବରେ ଚାପଯୁକ୍ତ ଭାରୀଜଳର ଦୁଇଟି ଚୁଲି କୁଡ଼ାନକୁଲାମ ଆଉ ତାରାପୁରରେ ବ୍ୟବହାର କରାଯାଏ । ଦ୍ରୁତ ବ୍ରିଡ଼ାର ଚୁଲିରେ ପ୍ଲୁଟୋନିୟମ -୨୩୯ ଜାଳେଣି ହିସାବରେ ଦଗ୍ଧୀଭୂତ ହେବା ସଂଗେ ସଂଗେ ୟୁରାନିୟମ -୨୩୮ ଆହୁରି ଦ୍ରୁତ ଗତିରେ ପ୍ଲୁଟୋନିୟମ - ୨୩୯ରେ ରୂପାନ୍ତରିତ ହେବାକୁ ଲାଗେ । ପର୍ଯ୍ୟାପ୍ତ ପରିମାଣରେ ପ୍ଲୁଟୋନୀୟମ -୨୩୯ ତିଆରି ହୋଇଗଲେ ଥୋରିୟମ- ୨୩୨କୁ ଚୁଲି ଭିତରେ 'ବ୍ଲାଙ୍କେଟ' ଉପାଦାନ ହିସାବରେ ବ୍ୟବହାର କରାଯାଏ । ନ୍ୟୁଟ୍ରନ ଗ୍ରହଣ ମାଧ୍ୟମରେ ଥୋରିୟମ ସେତେବେଳକୁ ପାରମାଣବିକ ଜାଳେଣି ୟୁରାନିୟମ -୨୩୩ରେ ରୂପାନ୍ତରିତ ହୋଇ ଥୋରିୟମ ଭିତ୍ତିକ ପାରମାଣବିକ ଜାଳେଣି ତିରିଆ କରିବାକୁ ସକ୍ଷମ ହୁଏ । କଲ୍ପକମରେ ୫୦୦ ମେଗାୱାଟ କ୍ଷମତା ସମ୍ପନ୍ନ ଏହି ଧରଣର ପ୍ରୋଟୋଟାଇପ ଚୁଲି ୨୦୨୬ ମସିହା ସେପ୍ଟେମ୍ବର ମାସରେ ବାଣିଜ୍ୟିକ ଭାବରେ ଆରମ୍ଭ ହେବାକୁ ଯାଉଛି । ଏହା ଭାରତ ଇତିହାସରେ ସବୁ ଠାରୁ ଜଟିଳ ପାରମାଣବିକ ପ୍ରକଳ୍ପ, ଯାହା ଥୋରିୟମ ଯୁଗର ଅୟମାରମ୍ଭକୁ ସୂଚନା ଦେଉଛି । ବର୍ତ୍ତମାନ ସମୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ଷ୍ଟାର୍ଟ ଅପ କମ୍ପାନୀ 'କ୍ଲିନ କୋର ଏନର୍ଜି' ଏମିତି ଏକ ଧରଣର ଜାଳେଣି ତିଆରି କରୁଛି, ଯହିଁରେ ଥୋରିୟମକୁ କାର୍ଯ୍ୟରେ ଲଗାଇ ସିଧାସଳଖ ବିଦ୍ୟୁତ ଉତ୍ପାଦନ କରିବା ସମ୍ଭବ । ଏହି ଜାଳେଣି ହେଉଛି 'ଆଡ଼ଭାନ୍ସଡ ନ୍ୟୁକ୍ଲିୟର ଏନର୍ଜି ଫର ଏନରିଚଡ ଲାଇଫ' । ଏହି ସଂକ୍ଷିପ୍ତ ରୂପ ସହିତ ବିଶିଷ୍ଟ ଭାରତୀୟ ବୈଜ୍ଞାନିକ ଅନିଲ କାକଦୋକରଙ୍କ ନାମର ସାଦୃଶ୍ୟ ରହିଛି । ବୈଜ୍ଞାନିକ କାକଦୋକର ଭାରତର ପାରମାଣବିକ କାର୍ଯ୍ୟସୂଚୀର ଜଣେ କିମ୍ବଦନ୍ତୀ ପୁରୁଷ । ତାଙ୍କୁ ସମ୍ମାନ ଜଣେଇ ଏହି ନାମକୁ ବଛାଯାଇଛି । ଏହି ଅନିଲ ଜାଳେଣି ମାଧ୍ୟମରେ ଭାରତରେ ଚାପଯୁକ୍ତ ଭାରୀଜଳ ଚୁଲିରେ ସାମାନ୍ୟ କିଛି ପରିବର୍ତ୍ତନ କରି ୟୁରାନିୟମ ବଦଳରେ ଥୋରିୟମ ସାହାଯ୍ୟରେ ବିଦ୍ୟୁତ ଉତ୍ପାଦନ ସମ୍ଭବ ହେବ । ଥୋରିୟମ ପାଇଁ ସ୍ୱତନ୍ତ୍ର ଚୁଲି ତିଆରି କରିବାକୁ ପଡ଼ିବାକୁ ପଡିବ ନାହିଁ କି ବିଦେଶରୁ ପ୍ରାକୃତିକ ୟୁରାନିୟମ ଆମଦାନୀର ପ୍ରୟୋଜନ ରହିବ ନାହିଁ । ଏହି ଜାଳେଣୀକୁ ଏମିତି ଦକ୍ଷ ଭାବରେ ତିଆରି କରାଯାଇଛି, ଯାହା ଫଳରେ ତେଜସ୍କ୍ରୀୟ ବର୍ଜ୍ୟବସ୍ତୁ ଉତ୍ପାଦନ ୮୫% କମିଯିବ । ଏହି କ୍ଷେତ୍ରରେ ବିଦ୍ୟୁତ ଉତ୍ପାଦନ ୬୦,୦୦୦ ମେଗାୱାଟ ହେଲେ, ୟୁରାନିୟମ କ୍ଷେତ୍ରରେ ସେଇଟା ହେବ ୭୦୦୦ ମେଗାୱାଟ । ଥୋରିୟମ ସାହାଯ୍ୟରେ ବିଦ୍ୟୁତ ଉତ୍ପାଦନ ଖର୍ଚ୍ଚ ବି କମ ହେବ । ଅନିଲ ହେଉଛି ଏମିତି ଏକ ଧରଣର ଜାଳେଣି ଯାହା ଦେଶୀୟ ଥୋରିୟମ ସହିତ ମିଶି ଭାରତରେ ନୂଆ ଧରଣର ପ୍ଲାଣ୍ଟ ତିଆରି ପାଇଁ ୨୦୪୦ ବା ୨୦୫୦ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବା ପରିବର୍ତ୍ତେ ଏବେକାର ଚୁଲିଗୁଡ଼ିକରେ କିଛି ପରିବର୍ତ୍ତନ କରାଇ ଥୋରିୟମ ଯୁଗର ଅୟମାରମ୍ଭ କରିପାରନ୍ତି । ୨୦୧୫ ମସିହା ଶେଷବେଳକୁ ମାର୍କିନ ସରକାର ଏହି ଜାଳେଣୀକୁ ଭାରତରେ ବ୍ୟବହାର କରିବାକୁ ନିଷେଧାଜ୍ଞା ଜାରି କରିଛନ୍ତି । ବିଶାଳ ଆୟତନର ପାରମାଣବିକ ଚୁଲି ତିଆରି ନକରି ଭାରତୀୟ ବୈଜ୍ଞାନିକମାନେ ବର୍ତ୍ତମାନ 'କ୍ଷୁଦ୍ର ମଡିଉଲାର ଚୁଲି' ତିଆରି ଗବେଷଣାରେ ବ୍ୟସ୍ତ । ଆଉ ଏହି କ୍ଷେତ୍ରରେ ପ୍ରଧାନ ଜାଳେଣି ହିସାବରେ ବ୍ୟବହାର କରାହେବ ଥୋରିୟମ । ୨୦୩୫ ମସିହା ବେଳକୁ ଭାରତ ସମ୍ଭବତଃ ଆଫ୍ରିକା ଏବଂ ଦକ୍ଷିଣ - ପୂର୍ବ ଏସିଆର ପ୍ରଗତିଶୀଳ ଦେଶଗୁଡିକରେ ଏହି ପାରମାଣବିକ ବ୍ୟାଟେରୀ ରପ୍ତାନି କରି ପାରିବେ । ଏହା ଫଳରେ ୟୁରାନିୟମ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ଉଲ୍ଲେଖଯୋଗ୍ୟ ଭାବରେ ହ୍ରାସ ପାଇବ । ୨୦୨୨ମସିହାରେ ପ୍ରକାଶିତ ପରିସଂଖ୍ୟାନରୁ ଜଣାଯାଏ ଯେ, ବିଗତ ତିନି ବର୍ଷରେ ଭାରତ ୭୬୦୦ ଟନରୁ ବେଶୀ ୟୁରାନିୟମ ଆମଦାନୀ କରିଛି କାଜାଖସ୍ତାନ ଓ କାନଡ଼ାରୁ । ଦେଶୀୟ ଭଣ୍ଡାରରୁ ଥୋରିୟମ ବ୍ୟବହାର କଲେ କେତେ ହଜାର କୋଟି ଟଙ୍କା ଆମଦାନୀ ବାବଦ ଖର୍ଚ୍ଚ ସଞ୍ଚୟ କରାଯାଇ ପାରିବ । ତା' ଛଡା ଥୋରିୟମ ଭିତ୍ତିକ ଚୁଲିର ନକ୍ସା ଆଉ ଜାଳେଣି ରପ୍ତାନୀର ସୁଯୋଗ ସୃଷ୍ଟି ହେବ ଏବଂ ସେତେବେଳେ ତୈଳ ରପ୍ତାନୀକାରୀ ଦେଶଗୁଡିକ ସହିତ ବିଶ୍ୱବ୍ୟାପୀ ଜାଳେଣିର ଏକ ସମାନ୍ତରାଳ ପ୍ରତିଯୋଗିତା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ; ଅଧୁନା ସମସ୍ତେ କ୍ଷୁଦ୍ର ମଡିଉଲାର ଚୁଲି ବ୍ୟବହାର କରି ପାରମାଣବିକ ବିଦ୍ୟୁତ ଉତ୍ପାଦନ କରିବା ଆରମ୍ଭ କରିଦେଇଛନ୍ତି । ଦେଶର ଦୁର୍ଗମ ଅଞ୍ଚଳ ଯେଉଁଠି ବିଦ୍ୟୁତର ଗ୍ରୀଡ଼ ପହଞ୍ଚିବା ସମ୍ଭବ ନୁହେଁ ବା ଖର୍ଚ୍ଚ ସାପେକ୍ଷ, ସେଠି ଏହି ଜାତୀୟ ପରିବେଶ ବନ୍ଧୁ ଚୁଲିର ଚାହିଦା ବୃଦ୍ଧି ପାଇବ । ବର୍ତ୍ତମାନ ନୂତନ ଚୀନର ରୂପକାର ଡେଙ୍ଗ୍ ଜିୟାଂପିଙ୍ଗ ୧୯୯୨ ମସିହାରେ କହିଥିଲେ ସାଉଦି ଆରବ ପାଖରେ ତେଲ ଅଛି ଆଉ ଚୀନ ପାଖରେ ବିରଳ ଖଣିଜ ପଦାର୍ଥ ଅଛି । ଏଠି କହିବା ବାହୁଲ୍ୟ ଚୀନ ପାଖରେ ବିରଳ ଖଣିଜ ପଦାର୍ଥ ଅଛି, କିନ୍ତୁ ଭାରତ ପାଖରେ ଅଛି ଆଗାମୀ ଦିନର କାର୍ବୋନ ଶୂନ୍ୟ ବିଶ୍ୱ ପରିବେଶ ସୃଷ୍ଟିର ଜାଳେଣି ଥୋରିୟମ ।

ଯୋଗାଯୋଗ : ଖାନନଗର, କଟକ
ଦୂରଭାଷ : ୮୫୯୯୮୯୪୯୧୫

# ଆଦିବାସୀଙ୍କ ପ୍ରକୃତିର ପୂଜା : ସାରହୁଲ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର

ସଭ୍ୟତା ଆରମ୍ଭରୁ ଆଦିବାସୀମାନେ ପ୍ରକୃତିର ସନ୍ତାନ ବୋଲି ବିବେଚନା କରାଯାଏ । ସେମାନେ ପ୍ରକୃତି କୋଳରେ ଜନ୍ମ ହୋଇଛନ୍ତି, ବଢ଼ିଛନ୍ତି ଏବଂ ହସିଖେଳି ଜୀବନ ମଧ୍ୟ ଅତିବାହିତ କରୁଛନ୍ତି । ପ୍ରକୃତି ପରି ସେମାନଙ୍କ ଜୀବନଶୈଳୀ ଖୁବ ସରଳ, ଉଦାର, ନମ୍ର, ଭଦ୍ର ଏବଂ ମିଷ୍ଟଭାଷୀ ସ୍ୱଭାବର । କୃଷି ହେଉଛି ସେମାନଙ୍କ ମୁଖ୍ୟ ଜୀବିକା ଓ ଶିକାର କରିବା ସେମାନଙ୍କ ପ୍ରାଚୀନ ପରମ୍ପରା, ଯାହା ସେମାନଙ୍କ ଇତିହାସ ଓ ବିଭିନ୍ନ ପୌରାଣିକରୁ ଜଣାଯାଏ । କୃଷି ଏବଂ ପ୍ରକୃତି ସହିତ ଜଡ଼ିତ ବାର ମାସର ତେର ପର୍ବପର୍ବାଣିକୁ ନୃତ୍ୟଗୀତ କରି ମହାଡମ୍ବରରେ ପାଳନ କରିଥାନ୍ତି । ତେବେ ଆଦିବାସୀମାନଙ୍କ ଦ୍ୱାରା ପାଳିତ ପ୍ରକୃତି କିମ୍ବା ଋତୁଭିତ୍ତିକ ଉତ୍ସବକୁ 'ପରବ' କହିଥାନ୍ତି । ଯଥା – ପୁଷପୁନେଇ, ମକର, ଚଇତି, ବାହା, ସାରହୁଲ୍, ଡାଲ୍‌ଖାଇ, ଭୋଦେଇ, ଡଙ୍ଗର, ଦଶହରା, ଦାସାଇଁ, ଶିବରାତ୍ର, ହୋଲି, ଯାନ୍ତାଳ, କାଳୀପୂଜା, ସହରାୟ ଇତ୍ୟାଦି ପରବ ମଧ୍ୟରୁ 'ସର୍‌ହୁଲ୍' ଅନ୍ୟତମ । କିନ୍ତୁ ପରବ୍‌ଗୁଡ଼ିକ କେବଳ ଆଦିବାସୀମାନଙ୍କ ସଂସ୍କୃତିକୁ ସୁରକ୍ଷା ଦେଇନଥାଏ, ବରଂ ଏହା ମାଧ୍ୟମରେ ସେମାନଙ୍କ ସଂସ୍କୃତି ଉଜ୍ଜୀବିତ ହେବା ସହ ସଂସ୍କୃତି ଓ ପରମ୍ପରାର ପ୍ରଚାର ଓ ପ୍ରସାର ଘଟିଥାଏ ।

ମଣିଷ ଓ ପ୍ରକୃତି ଭିତରେ ଥିବା ଚିରନ୍ତନୀ ଯୋଗସୂତ୍ର ରୂପେ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ଆଦିବାସୀମାନେ ସମ୍ମାନ ଦିଅନ୍ତି । ବଣ, ଜଙ୍ଗଲ, ପାହାଡ଼, ପର୍ବତ, ନଈ, ନାଳ, ଝରଣା ଏ ସବୁକୁ ସେମାନେ ବହୁତ ଭଲ ପାଆନ୍ତି । ଏହି ସବୁ ଭଲ ପାଇବାର ଇଚ୍ଛାକୁ ସେମାନେ ନାଚଗୀତରେ, ପର୍ବପର୍ବାଣି ପାଳନ ଅବସରରେ ପରିପ୍ରକାଶ କରିଥାନ୍ତି । ବାର ମାସ ମଧ୍ୟରୁ ଚଇତ ବା ଚୈତ୍ରମାସ ଆଦିବାସୀମାନଙ୍କର ଏକ ବିଶିଷ୍ଟ ମାସ ବୋଲି କୁହାଯାଏ । ଚୈତ୍ର ମାସରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ 'ସାର୍‌ହୁଲ୍' ପାଳନ କରିଥାନ୍ତି । ଏହି ସମୟରେ ବସନ୍ତ ମହକି ଉଠେ, ସବୁଠି ବସନ୍ତର ବାସ୍ନା ବାସେ । ଆଦିବାସୀ ଯୁବକ ଯୁବତୀମାନେ ବାହା ହୋଇ ଆସିଥିବା ନୂଆ ବୋହୂ, ବୋହୂ ହେବାକୁ ପ୍ରସ୍ତୁତ କନ୍ୟା ଓ ବାହାଘର ପାଇଁ ପୁଅମାନେ ବସନ୍ତ ରଙ୍ଗରେ ସଜେଇ ନିଜ ନିଜକୁ ରଙ୍ଗେଇ ଦେଇଥାନ୍ତି । ରଙ୍ଗବେରଙ୍ଗୀ ଚତୁଃପାର୍ଶରେ ମିଠାମିଠା ସ୍ୱର ଶୁଭେ ଆଉ ସେଇ ସ୍ୱର ପ୍ରତିଧ୍ୱନି ଲହରାଇ ଉଠେ ସମଗ୍ର ଅଞ୍ଚଳକୁ, ପୁଣି ବଣରୁ ବଣକୁ, ପାହାଡ଼ରୁ ପାହାଡକୁ ଡେଇଁ ଡେଇଁ ଆସେ ମଣିଷ କାନରେ, ଭେଦିଦିଏ ବସନ୍ତର ଲହର ଆଉ ସେଇ ଲହରରେ ଆଦିବାସୀମାନେ ଉଲ୍ଲସିତ ହୋଇ ଉଠନ୍ତି । ପାଳିଥାନ୍ତି ପ୍ରକୃତିର ପୂଜାପର୍ବ 'ସାରହୁଲ' ।

ସାରହୁଲ ପର୍ବ ହେଉଛି ଆଦିବାସୀଙ୍କ ପ୍ରମୁଖ ପ୍ରକୃତି ଭିତ୍ତିକ ପୂଜାପର୍ବ, ଯାହା ଚୈତ୍ର ମାସ ଶୁକ୍ଳପକ୍ଷ ତୃତୀୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଏ । ଏହା ମୁଖ୍ୟତଃ ଶାଳ ବୃକ୍ଷ ଓ ଫୁଲଫଳ ସହ ଜଡ଼ିତ ଆଦିବାସୀଙ୍କ ଏକ ପାରମ୍ପରିକ ପୂଜାପର୍ବ । ଏଥିରେ ପ୍ରକୃତି, ଗଛ ଓ ପଥରକୁ ପୂଜା କରାଯାଏ । ନୂତନ 'ସଲ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଏ । ମାଟି ଏବଂ ସୂର୍ଯ୍ୟଙ୍କୁ ସମ୍ମାନ ଜଣାଇ ପ୍ରକୃତି ସହ ସମ୍ପର୍କ ସ୍ଥାପନର ପର୍ବ ବୋଲି ଅଭିହିତ କରାଯାଏ । ପ୍ରକୃତିର ସୁରକ୍ଷା ପାଇଁ ହିଁ ପୂଜା କରାଯାଏ । ଏହି ଅବସରରେ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜବାଜ ହୋଇ ବାଦ୍ୟଯନ୍ତ୍ର ସହ ନୃତ୍ୟଗୀତ କରିଥାନ୍ତି । ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର ଏହା ଏକ ପ୍ରତୀକ ଭାବେ ବିବେଚିତ । ପ୍ରକୃତିର ଆଶୀର୍ବାଦ କାମନା କରିବା, କୃଷି କାର୍ଯ୍ୟର ଶୁଭାରମ୍ଭ ଏବଂ ଭାଇଚାରା ବୃଦ୍ଧି କରିବା ଭଳି ରୀତିନୀତି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବଜାୟ ରଖିଛନ୍ତି । ସାନ୍ତାଳ ଆଦିବାସୀମାନେ ଚୈତ୍ର ପର୍ବ ବା ବସନ୍ତ ଉତ୍ସବକୁ 'ବାହାବଙ୍ଗା' ରୂପେ ପାଳନ କରନ୍ତି, ଯାହା ଫଗୁଣ ମାସରେ ପାଳନ ହୁଏ । ଆଉ କେତେକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଚୈତମାସର ଶୁକ୍ଳପକ୍ଷ ତୃତୀୟା ଦିନ ସାର୍‌ହୁଲ୍ ପର୍ବ ପାଳନ କରନ୍ତି । ଏମାନଙ୍କ ମଧ୍ୟରୁ ମୁଣ୍ଡା, ହୋ, ଭୂମିଜ ଏବଂ ଓରାମ ସମ୍ପ୍ରଦାୟର ଲୋକମାନେ ବସନ୍ତ ଋତୁରେ ପାଳନ ହେଉଥିବା ପର୍ବକୁ 'ସାର୍‌ହୁଲ୍' କହନ୍ତି ।



ପ୍ରତ୍ୟେକ ଆଦିବାସୀ ସଂପ୍ରଦାୟରେ ରହିଛି ଅଭିନ୍ନ ପରମ୍ପରା ଏବଂ ସଂସ୍କୃତି । ସେମାନେ ନିଜର ଗଣପର୍ବକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଥାନ୍ତି । ଯେମିତି ସାନ୍ତାଳ ଆଦିବାସୀଙ୍କ ବାହାବଙ୍ଗାକୁ ସେମାନଙ୍କ ରୀତିନୀତି ଅନୁସାରେ ପାଳନ କରିଥାନ୍ତି, ସେହିପରି ଅନ୍ୟ ଆଦିବାସୀଙ୍କର ସାର୍‌ହୁଲ୍ ପର୍ବ ମଧ୍ୟ ସେମାନଙ୍କ ରୀତିନୀତିରେ ପାଳନ କରିଥାନ୍ତି । ସାନ୍ତାଳୀ ବାହାବଙ୍ଗା ଭଳି ସାର୍‌ହୁଲ୍ ପର୍ବରେ ମଧ୍ୟ ଶାଳ ଗଛ ମୂଳେ ପୂଜାର୍ଚ୍ଚନା କରିବା ସହ ନୂଆ ଫୁଲ, ନୂଆ ଫଳ ଆଦି ପୂଜା କରି ପ୍ରକୃତିକୁ ଭେଟିଦିଅନ୍ତି । କେବଳ ଯେ, ଶାଳ ଗଛ ମୂଳରେ ପୂଜା କରି ନୂଆ ଫୁଲ, ଫଳ ଚଢ଼ାଯାଇଥାଏ ତାହା ନୁହେଁ ବରଂ ଏହି ସାରହୁଲ ପୂଜା ସହ ଯୋଡ଼ି ହୋଇ ରହିଛି ଆଦିବାସୀଙ୍କ ଅନେକ ପୌରାଣିକ ତଥ୍ୟ । ମହାଦେବଙ୍କ ଦ୍ୱାରା ପ୍ରକୃତି ସୃଷ୍ଟି ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି । ସିଏ ହିଁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ରକ୍ଷାକର୍ତ୍ତା । ପ୍ରକୃତି ସହିତ ଜଡ଼ିତ ସମସ୍ତ ଶକ୍ତିକୁ ଆଧାର କରି ମହାଦେବଙ୍କୁ ହିଁ ସକଳ ଶକ୍ତି ମଧ୍ୟରେ ଶ୍ରେଷ୍ଠ ବୋଲି ବିବେଚନା କରାଯାଏ । ପ୍ରକୃତି ସୃଷ୍ଟିର ସୂତ୍ରଧର ହେଉଛନ୍ତି ମହାଦେବ । ତେଣୁ ମହାଦେବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ । ପୌରାଣିକ ମତାନୁସାରେ, ମହାଦେବ ଯେତେବେଳେ ମାତା ପାର୍ବତୀଙ୍କୁ ବାହା ହୋଇଥିଲେ ସେତେବେଳେ ମାତା ପାର୍ବତୀ ଏକ ସର୍ତ୍ତ ରଖିଥିଲେ । ବାରମାସ ମଧ୍ୟରୁ ତିନିମାସ ମହାଦେବ ଶିବଙ୍କ ପାଖରେ ଆଉ ନଅମାସ ଧରାପୃଷ୍ଠରେ ରହିବେ । ସର୍ତ୍ତ ଅନୁଯାୟୀ ମାତା ପାର୍ବତୀ ଚୈତ୍ର ମାସରେ ଧରାପୃଷ୍ଠକୁ ଅବତରଣ କରିଥିଲେ । ସେହି ସମୟରେ ପ୍ରକୃତି ବକ୍ଷରେ ବୃକ୍ଷସବୁ କଅଁଳି ନୂଆ ରୂପ ପାଇଥିଲା ଓ ଶାଳ ଗଛର ନୂଆ ପତ୍ର, ନୂଆ ଫୁଲ ଫୁଟି ମାତା ପର୍ବତୀଙ୍କୁ ସ୍ୱାଗତ କରିଥିଲା । ଆହୁରି ଶୁଣାଯାଏ, ଏହି ସମୟରେ ସୂର୍ଯ୍ୟ ଦେବତା ଏବଂ ମାତା ଧରିତ୍ରୀର ବିବାହ ହୋଇଥିଲା । ସୂର୍ଯ୍ୟ ଦେବତାଙ୍କୁ ମହାଦେବ ଶିବ ଏବଂ ଧରିତ୍ରୀଙ୍କୁ ମାତା ପାର୍ବତୀଙ୍କ ଅବତାର ମାନି ଆଦିବାସୀମାନେ ପ୍ରକୃତି ପୂଜା ଆରମ୍ଭ କରିଥିଲେ । ସେହିଦିନରୁ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଆଦିବାସୀମାନେ ପ୍ରକୃତି ଭିତ୍ତିକ ପର୍ବ ପାଳନ କରନ୍ତି । ଏହି ସାରହୁଲ ପୂଜା ପୌରାଣିକ ବିଶ୍ୱାସ ହେଉ ବା ନିଜ ଧର୍ମର ବିଶ୍ୱାସ ହେଉ ଏହା କିନ୍ତୁ ବିବିଧତା ମଧ୍ୟରେ ଏକତା ହିଁ ପ୍ରମାଣିତ କରୁଛି ।






### ଉଦ୍‌ଘାଟନ ନହୋଇ ଫଳକ ଲାଗିଲା

# ଅଫିସ ଖୋଲିଲା ହେଲେ ଅଫିସରଙ୍କ ଦେଖା ନାହିଁ

**ଆସିକା(ଏନ୍.ଏମ୍.) :** ଆସିକାରେ ଦେଖିବାକୁ ମିଳିଛି ଏକ ଅଜବ ଘଟଣା। ଲକ୍ଷ୍ମୀ ବଜାର ନିକଟରେ ଥିବା ସତ୍ୟନାରାୟଣ ମନ୍ଦିର ପାଖ ଟିପୁସର ନାଳକୁ ସେତେବେଳେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନ ଆସି ଏକ ଫଳକ ରାତାରାତି ଲଗାଇ ଉଦଘାଟନ ହୋଇଥିଲା। ଏବେ ମୋହନ ସରକାରରେ ସେପରି ଘଟଣା ଘଟିଛି। ସୂଚନା ।ନୁସାରେ ଆସିକା ତାଲୁକା ରୋଡରେ ଥିବା ଓଡିଶା ସରକାରଙ୍କ ବୈଧ ମାପ ବିଜ୍ଞାନ ନିରୀକ୍ଷକ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନବ ନିର୍ମିତ କୋଠା ନିର୍ମାଣ ହୋଇଅଛି। ଏହାକୁ ଉଦଘାଟନ କରିବା ପାଇଁ ଗତ ୦୮/୦୧/୨୬ ତାରିଖ ଧାର୍ଯ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଆସିକା ସାଂସଦ ଅନୀତା ଶୁଭ ଦର୍ଶନୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ, ବୈଧ ମାପ ବିଜ୍ଞାନର ନିୟନ୍ତ୍ରକ ବିସିକେଶନ ଦେହୁରୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ ହେବ ବୋଲି ଫଳକ ଲେଖା




ହୋଇ ରହିଥିଲା। କୌଣସି ଏକ କାରଣ ବଶତଃ ଏହି ଉଦଘାଟନ କାର୍ଯ୍ୟକ୍ରମ ସକାଳୁ ବାତିଲ ହୋଇଥିଲା ଏବଂ ଫଳକକୁ ବାହର କରି ଦିଆଯାଇଥିଲା। ବଡ଼ ଆଶ୍ଚର୍ଯ୍ୟର କଥା କୁଆଡେ ଫେବୃଆରୀ ମାସ ୦୮ ତାରିଖରେ ବିଭାଗର ଆଦେଶ ପ୍ରକାରରେ ଏହି କାର୍ଯ୍ୟାଳୟ ଚାଲୁ ହେଲା କିନ୍ତୁ ଆହୁରି ଦୁର୍ଭାଗ୍ୟ ବିଷୟ କୌଣସି ମନ୍ତ୍ରୀ, ସାଂସଦ, ବିଧାୟକ, ଅଧିକାରୀଙ୍କ ଅନୁପସ୍ଥିତିରେ କିଭଳି ଉଦଘାଟନ ହୋଇ ଅଫିସ କାର୍ଯ୍ୟକ୍ଷମ ହୋଇ ପାରିଲା ତାହା ଏବେ ବଡ ଚର୍ଚ୍ଚା ପାଲଟିଛି। ଅଫିସ ଆଗରେ ୦୮/୦୧/୨୬ ତାରିଖରେ ସମସ୍ତେ ଉପସ୍ଥିତ ରହିଥିବାର ଫଳକ ସର୍ବ ସାଧାରଣ ରେ ପ୍ରଦର୍ଶନ କରାଗଲା। ଅପରପକ୍ଷେ ଏହି ଅଫିସ ଖୋଲା ହେଲା ସତ କିନ୍ତୁ କେବେ ହେଲେ ଏହି ଅଫିସର ଅଧିକାରୀ କର୍ମଚାରୀ ରହୁନଥିବା ଦେଖିବାକୁ ମିଳୁଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସୁନା, ରୁପା, ଆମିଷ, ପରିବା, ତେଜରାତି ଦୋକାନ ମାନଙ୍କରେ ବ୍ୟବହୃତ ଓଜନ ମେସିନ, ଏବଂ ବଟକରା ଗୁଡିକ ଏହି କାର୍ଯ୍ୟାଳୟକୁ ଆଣି ସିଲକୁ ଯାଞ୍ଚ କରି ବ୍ୟବହାର ଉପଯୋଗୀ କରିବା କାମ ହେଉଛି ଏହି ବିଭାଗର। ମାସ ମାସ ସଂଖ୍ୟା କାର୍ଯ୍ୟାଳୟ ବନ୍ଦ ରହିବା କାରଣରୁ ବ୍ୟବସାୟୀ ମାନେ ଗ୍ରାହକ ମାନଙ୍କୁ ଆରାମରେ ଠକି ନିଅନ୍ତି ବୋଲି ଅଭିଯୋଗ ହେଉଛି। ଆସିକା ମାପ ଓ ଓଜନ କାର୍ଯ୍ୟାଳୟରେ ନିୟମିତ ଅଧିକାରୀ ଆସୁ ନଥିବାରୁ ଠକାମୀ ଶିକାର ହେଉଛନ୍ତି ଅନେକ ଗ୍ରାହକ, ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ନେରାଡି ପ୍ରକଳ୍ପରେ 'ନିରବ ଜଳମଗ୍ନତା'ର ଆଶଙ୍କା କରିଛନ୍ତି ସାଂସଦ ଡା. ପ୍ରଦୀପ କୁମାର ପାଣିଗ୍ରାହୀ

**ବ୍ରହ୍ମପୁର(ଏନ୍.ଏମ୍.) :** ୧୦୬ ଏକର ଜମି ଆନ୍ଧ୍ର ପ୍ରଦେଶକୁ ହସ୍ତାନ୍ତର ପୂର୍ବରୁ ଯୁକ୍ତ ସର୍ଭେ ଅନିବାର୍ଯ୍ୟ ବୋଲି ଦାବି କରିଛନ୍ତି ବ୍ରହ୍ମପୁରର ସାଂସଦ ଡା. ପ୍ରଦୀପ କୁମାର ପାଣିଗ୍ରାହୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଏକ ରଣନୀତିମୂଳକ ନୀତି ସ୍ମାରକ ପ୍ରଦାନ କରି, ଭାମସାଧାରା ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଉପରେ "ପ୍ରଯୁକ୍ତିଗତ ଏବଂ ଭୂ-ସୀମା ଅଡିଟ୍" କରିବାକୁ ଦେ ଦାବି କରିଛନ୍ତ। କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସମ୍ପ୍ରତି ଗେଜେଟ୍ ଅଧିସୂଚନା ପରେ ସେ ସତର୍କ କରିଥିଲେ ଯେ, ଏହି ପ୍ରକଳ୍ପ ଆନ୍ଧ୍ର ପ୍ରଦେଶ ପାଇଁ ଐତିହାସିକ ଲାଭ ଭାବେ ପ୍ରଚାର ହେଉଥିବା ସତ୍ତ୍ୱେ, ଯଦି ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ନ ହୁଏ, ତେବେ ଓଡ଼ିଶାର ଲୋକମାନଙ୍କ ପାଇଁ ଏହା ଏକ "ଅଭିଶାପ' ରୂପେ ସାବ୍ୟସ୍ତ ହେବ ।



ଟ୍ରିବ୍ୟୁନାଲର ଅନ୍ତିମ ଆଦେଶ ଅନୁସାରେ ନେରାଡି ବ୍ୟାରାଜ ନିର୍ମାଣ ସହିତ ଓଡ଼ିଶା ସରକାରକୁ ଏକ ବର୍ଷ ମଧ୍ୟରେ ୧୦୬ ଏକର ଜମି ଆନ୍ଧ୍ର ପ୍ରଦେଶକୁ ଅଧିଗ୍ରହଣ କରି ହସ୍ତାନ୍ତର କରିବାକୁ କୁହାଯାଇଛି । ଡା. ପାଣିଗ୍ରାହୀ ରାୟଗଡା ଏବଂ ଗଜପତି ଜିଲ୍ଲାର ସୀମାଞ୍ଚଳ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଥିବା ଗଭୀର ଅସନ୍ତୋଷ ଉପରେ ଆଲୋକ ପାତ କରିଥିଲେ, ଯେଉଁଠାରେ ଚାଷୀମାନେ ନିଜର ପୂର୍ବପୁରୁଷ ଭୂମି "ଭିଟା-ମାଟି'' ହରାଇବା ଭୟରେ ଅଛନ୍ତି। "ଭୁଲ ତଥ୍ୟ ଉପରେ ଆଧାର କରି ଆମ ଭୂମିର ନିରବ ଜଳମଗ୍ନତାକୁ ଆମେ କେବେ ବି ଅନୁମୋଦନ କରିପାରିବୁ ନାହିଁ," ବୋଲି ଡା. ପାଣିଗ୍ରାହୀ କହିଥିଲେ । "ଗୁଣୁପୁର ଅଞ୍ଚଳର ଭୂମିସ୍ତରର ତଥ୍ୟ ଦେଖାଉଛି ଯେ,ଭାମସାଧାରା ବେସିନ୍ ପ୍ରୋଟେକ୍ସନ୍ ସମିତି ଏବଂ ସ୍ଥାନୀୟ ଚାଷୀମାନଙ୍କ ଆଶଙ୍କା ସଠିକ ଓ ପ୍ରକୃତ ପ୍ରଭାବିତ ଅଞ୍ଚଳ ୧୦୬ ଏକରକୁ ଅତିକ୍ରମ କରିପାରେ ।"ଓଡ଼ିଶା ସରକାର ପାଇଁ ରଣନୀତିମୂଳକ ପ୍ରସ୍ତାବଗୁଡ଼ିକ:

ଅନିବାର୍ଯ୍ୟ ଯୁକ୍ତ ସର୍ଭେ, ୧୦୬ ଏକର ଜମି ହସ୍ତାନ୍ତର ପୂର୍ବରୁ ଭିଡବ୍ଲିୟୁଡିଟି ସୁପରଭାଇଜରୀ କମିଟି ଅଧୀନରେ ଏକ ନୂତନ ଯୁକ୍ତ ସର୍ଭେ କରାଯାଇ ସର୍ବାଧିକ ବନ୍ୟା ସ୍ତର ଯାଞ୍ଚ କରାଯିବା ଉଚିତ। ନେରାଡି ବ୍ୟାରାଜ ଚାଲୁ ହେବା ପରେ କାମ୍ବାଗଡା ସାଇଡ୍ ଓୟିକୁ ପୂର୍ଣ୍ଣରୂପେ ବନ୍ଦ କରାଯିବା ଆବଶ୍ୟକ, ଯାହା ଓଡ଼ିଶାରେ ନଦୀ ପଥ ଶୁଷ୍କତା ଓ ଭୂଗର୍ଭ ଜଳ ହ୍ରାସକୁ ରୋକିବ। "ଡାଟା ଅସମତା" ଦୂର କରିବା ପାଇଁ ଓଡ଼ିଶା ନିଜସ୍ୱ ରିଅଲ୍-ଟାଇମ୍ ମନିଟରିଂ ଷ୍ଟେସନ୍ ସ୍ଥାପନ କରି ଏଚଇସି-ଆରଏସି ମଡେଲିଂ କରିବା ଉଚିତ । ମହେନ୍ଦ୍ରତନୟା ପରି ଓଡ଼ିଶାର ନିଜସ୍ୱ ସିଂଚାଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରି ୫୭.୫ଟିଏମସି(୫୦%) ଜଳ ଅଧିକାରର ସମ୍ପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରାଯାଉ। ଡା. ପାଣିଗ୍ରାହୀ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ନଦୀ ଅଧିକାର ସୁରକ୍ଷା "ଓଡ଼ିଆ ଅସ୍ମିତା"ର ମୂଳ ଅଂଶ । ସେ ରାଜ୍ୟର ଭୂମି ସୁରକ୍ଷା ଏବଂ ଆଦିବାସୀ ଲୋକଙ୍କ ଜୀବିକା ରକ୍ଷା ପାଇଁ ଏକତାବଦ୍ଧ ପଦକ୍ଷେପ ନେବାରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

# ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସବ ପାଇଁ ପାରମ୍ପରିକ ପ୍ରସ୍ତୁତି ଆରମ୍ଭ



**ମୁନିଗୁଡ଼ା (ଏନ୍.ଏମ୍.) :** ଭଗବାନ ହନୁମାନ ଜୟନ୍ତୀ,ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଉତ୍ସବ ପାଳନ ପାଇଁ ମୁନିଗୁଡ଼ା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ନିକଟସ୍ଥ ଠାକୁରାଣୀ ପଡ଼ିଆରେ ଆଜି ସକାଳେ ଶୁଭ ଖୁଣ୍ଟି ସ୍ଥାପନା କାର୍ଯ୍ୟକ୍ରମର କର୍ତ୍ତା ସୁଦାମ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ପୁରୋହିତ ଭୈରବ ପଣ୍ଡାଙ୍କ ପୂଜାର୍ଚ୍ଚନା ଓ ବୈଦିକ ଦେବନୀତି ଆଧାରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୧୪ତାରିଖ ଓଡ଼ିଆ ନବବର୍ଷ ଉତ୍ସବ ଅବସରରେ ୧୦୮ ହନୁମାନ ଚାଳିଶା,ଓଡ଼ିଆ ଜାତିର ପରିଚୟ ପଣା ସଂକ୍ରାନ୍ତି ନିମନ୍ତେ ସ୍ୱାଦିଷ୍ଟ ପାରମ୍ପରିକ ପଣା ଭୋଗ ବଣ୍ଟନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାର ବ୍ୟବସ୍ଥା କରାଯାଇଥିବା ସୂଚନା ପ୍ରାପ୍ତ। ଓଡ଼ିଆ ସଂସ୍କୃତିର ପ୍ରଚାର ଓ ପ୍ରସାର ସହିତ ପ୍ରତି ସ୍ୱାଭିମାନୀ ଓଡିଆଙ୍କ ମନରେ ଜାତିପ୍ରାଣ ଭାବ ସୃଷ୍ଟି କରିବା, ଚିରଞ୍ଜିବୀ ଭଗବାନ ହନୁମାନ ଓଡ଼ିଆ ଜନ ଜୀବନ, ସଂସ୍କୃତି ଓ ଆଧାତ୍ମିକତା ସହିତ ଜଡିତ ଏବଂ ପ୍ରତ୍ୟେକ ଓଡ଼ିଆ ହୃଦୟରେ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରାଇବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ଅକ୍ଷୟ କୁମାର ମଲ୍ଲିକ, ସମାଜସେବୀ ଦୁଃଖିଶ୍ୟାମ ସୁବୁଦ୍ଧି, ସାମ୍ବାଦିକ ମନୋରଞ୍ଜନ ଦଳାଇ, ଶିକ୍ଷକ କାଳନ୍ଦୀ ନାୟକ, କହ୍ନେଇ ଗୌଡ଼,ରାମକୃଷ୍ଣ ମିଶ୍ର, ଦେବରାଜ ବାଗ, ଶ୍ରୀରାମ ନାୟକ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଭାଗ୍ୟବତୀ ମକାକୁଡ, ଆଦିତ୍ୟ ତ୍ରିପାଠୀ, ଦିଲ୍ଲୀପ ପଟ୍ଟନାୟକ, ରାମବାବୁ ପେଦୀନା ପ୍ରମୁଖ ଅଂଶୀଦାର ଥିବାବେଳେ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଜନଶୁଣାଣି ବାତିଲ ପାଇଁ ଦାବି

**ଝାରସୁଗଡ଼ା(ଏନ୍.ଏମ୍.) :** ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ଏନଟିପିସି ଦର୍ଲିପାଲି ପକ୍ଷରୁ ପ୍ରସ୍ତାବିତ ପାଉଁଶ ପୋଖରୀ ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବାତିଲ କରିବା ପାଇଁ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଦାବି କରିଛନ୍ତି।

ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସନ୍ଦର୍ଭରେ ପ୍ରସ୍ତୁତ ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ସମ୍ପର୍କରେ ଗ୍ରାମବାସୀଙ୍କୁ ପ୍ରାପ୍ତ ଭାବେ ଅବଗତ କରାଯାଇନାହିଁ। ଶୁଣାଣିର ମାତ୍ର ତିନି ଦିନ ପୂର୍ବରୁ, ଅର୍ଥାତ ଏପ୍ରିଲ ୫ ତାରିଖରେ ତରବରିଆ ଭାବେ ନୋଟିସ ଜାରି ହୋଇଥିବାରୁ, ଏତେ କମ ସମୟରେ ରିପୋର୍ଟ ଅଧ୍ୟୟନ କରି ମତ ଦେବା ଗ୍ରାମବାସୀଙ୍କ ପାଇଁ ସମ୍ଭବ ନୁହେଁ ବୋଲି ସେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାସହ ଗ୍ରାମର ପ୍ରାୟ ୮୭.୫ ପ୍ରତିଶତ ଲୋକ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ହୋଇଥିବା ସହ ସାକ୍ଷରତା ହାର କମ ଥିବାରୁ, ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଅଧିକ ସମୟ ଆବଶ୍ୟକ ଥିବାକୁ ସରପଞ୍ଚ ଉଲ୍ଲେଖ କରିଛନ୍ତି। ତେଣୁ ଗ୍ରାମବାସୀଙ୍କ ହିତକୁ ଦୃଷ୍ଟିରେ ରଖି ଆସନ୍ତା ୮ତାରିଖର ଜନଶୁଣାଣିକୁ ତୁରନ୍ତ ବାତିଲ କରି ପୁନଃ ତାରିଖ ଘୋଷଣା ପାଇଁ ସେ ଦାବି କରିଛନ୍ତି।




# ମା' ଗଙ୍ଗା ଯମୁନା, ସରସ୍ୱତୀ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା



**ମୁନିଗୁଡ଼ା(ଏନ୍.ଏମ୍.) :** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ନିକଟସ୍ଥ ପାଇକ ସାହି ଗଙ୍ଗା ଯମୁନା ନଗର ଅଞ୍ଚଳରେ ଯୋଗମାୟା ମା'ଗଙ୍ଗା, ଯମୁନା,ସରସ୍ୱତୀ ଦେବୀଙ୍କ ମନ୍ଦିର ସ୍ଥାପନା ଅବସରରେ ଆଜି ମନ୍ଦିର ତରଫରୁ ପବିତ୍ର କଳସ ଯାତ୍ରା ଶକଟା ନାଳରୁ ଆରମ୍ଭ ହୋଇ ମୁନିଗୁଡ଼ା ବଜାର ପରିକ୍ରମା ପୂର୍ବକ ମନ୍ଦିର ପରିସରରେ ସ୍ଥାପନା କରାଯାଇଥିଲା। ସୂଚନା ଅନୁଯାୟୀ ମନ୍ଦିର ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ନାୟକ ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ମୁଦୁଲିଙ୍କ ମିଳିତ ଉଦ୍ୟମ ଏବଂ ଉପସଭାପତି ପି.ସୂର୍ଯ୍ୟନାରାୟଣ ରାଓ,ସହ ସମ୍ପାଦକ ଶ୍ରିନୁ ବାବୁ,କୋଷାଧ୍ୟକ୍ଷ ଅଜିତ କୁମାର ସାହୁଙ୍କ ସହଯୋଗ ତଥା ଉପଦେଷ୍ଟା ରାମଚନ୍ଦ୍ର ବେହେରା ଓ କାନ୍ତା ରାଓଙ୍କ ମାର୍ଗଦର୍ଶନରେ ଆୟୋଜିତ କଳସ ଯାତ୍ରା ବୈଦିକ ପୁରୋହିତ କୈଳାଶ ଚନ୍ଦ୍ର ଦାସ ଓ ଅନ୍ୟ ସାଥି ପଣ୍ଡିତ ଜିତେନ୍ଦ୍ର କୁମାର ଓ ପ୍ରଶାନ୍ତ କୁମାର ଦାଶଙ୍କ ସହଯୋଗରେ ବିଧିପୂର୍ବକ ଆରମ୍ଭ ହୋଇଛି। ମୁନିଗୁଡାର ପ୍ରତ୍ୟେକ ସାହିରୁ ଅନେକ ମାଆମାନେ ପବିତ୍ର ଅଭିମନ୍ତ୍ରୀତ କଳସିକୁ ମୁଣ୍ଡରେ ଧାରଣ କରି ଦୀର୍ଘ ପଥ ଅତିକ୍ରାନ୍ତ କରିଥିଲେ। ଯାତ୍ରାରେ ଭବାନୀପାଟଣାର ପ୍ରସିଦ୍ଧ ଘୁମୁରା ବାଦ୍ୟ ଓ ଭଜନ କୀର୍ତ୍ତନ ସହ ମାଆଙ୍କ ଜୟ ଜୟକାର,ଏବଂ ଭକ୍ତମାନଙ୍କ ଶଙ୍ଖ,ଘଣ୍ଟ ଓ ହୁଳହୁଳି ନାଦରେ ପରିବେଶ ଆଧାତ୍ମିକ ମୟ ହୋଇ ଉଠିଥିଲା। ଆସନ୍ତା ୧୦ତାରିଖରେ ଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅଛି। ସାମାଜିକ କର୍ମୀ ଜାମି ମହେଶ, ଜଗନ୍ନାଥ ଗାଜିବାଲି, ମନୋରଞ୍ଜନ ଦଳାଇ, ଟିଟୁ ଅଗ୍ରୱାଲା,ଭୈରବ ପଣ୍ଡା, ରଞ୍ଜନ ପାତ୍ର, ସୁବାସ ଗୌଡ଼, ରୁଦ୍ରଜିତ ନାୟକ, ସୁନ୍ଦର ରାଜୁ ପ୍ରମୁଖ କଳସୀ ଯାତ୍ରା ପରିଚାଳନାରେ ସହଯୋଗ କରୁଥିଲେ। ସନ୍ଧ୍ୟାରେ ବହୁ ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଛି।

# ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ଉଦ୍‌ଘାଟିତ

**ଧର୍ମଶାଳା(ଏନ୍.ଏମ୍.) :** ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ନୂତନ ଶିକ୍ଷାନୁଷ୍ଠାନ ଭାବେ ବ୍ରାଇଟ୍ ଫିୟୁଚର ପବ୍ଲିକ ସ୍କୁଲ ପ୍ରତିଷ୍ଠା ଲାଭ କରିଛି। ଏହି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ କୋଠିଡିହଠାରେ ଆନୁଷ୍ଠାନିକଭାବେ ପୂଜାର୍ଚ୍ଚନା ପରେ ଉଦ୍ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ସୁନନ୍ଦ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା ଓ ସମ୍ମାନୀତ ଅତିଥିଭାବେ ପ୍ରାକ୍ତନଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ସ୍କୁଲକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ନାୟକ, ମଧୁସୂଦନ ନାୟକ, କୃପାସିନ୍ଧୁ ନାୟକ, ରାଜକିଶୋର ନାୟକ, ଗୌରାଙ୍ଗ ତରାଇ ହେମନ୍ତ କୁମାର ନାୟକ, ନିରଞ୍ଜନ ସାହୁ, ଆଶାତୁନ ବିବିଙ୍କ ସମେତ ଗ୍ରାମର ବରିଷ୍ଠ ମୁରବୀ ଉପସ୍ଥିତ ଥିଲେ। ସ୍କୁଲର ଚେୟାରମମ୍ୟାନ ଧିରେନ କୁମାର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷାକର୍ମୀଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକୋତ୍ସବ

**କୁଡୁମୁଲୁଗୁମ୍ମା(ଏନ୍.ଏମ୍.) :** ତହସିଲ ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏହାର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସପାଲ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଶିକ୍ଷାଧିକାରୀ ଦିଲ୍ଲିପ କୁମାର ଗଣ୍ଡ, ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ପୋଡଘାଟ ଓଏଭି ଅଧ୍ୟକ୍ଷ ରାଜିବ କୁମାର ଦତ୍ତ, ଅଧ୍ୟାପକ ପପୁ ସାହୁ ଓ ସମାଜସେବୀ ତ୍ରିନାଥ ଶଗରୀଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳନା ଶିକ୍ଷକ ରସାନନ୍ଦ ନାୟକ ଓ ଶିକ୍ଷୟିତ୍ରୀ ଜିଜ୍ଞାସା ବିଶ୍ୱାଳ ଦ୍ୱୟ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ବିଦ୍ୟାଳୟର ବିଭିନ୍ନ ଉପଲବ୍ଧି ଓ ସମସ୍ୟା ସମ୍ପର୍କିତ ବାର୍ଷିକ ବିବରଣୀ ପଠନ କରିଥିଲେ। ନିଜର ଅଭିଭାଷଣରେ ମୁଖ୍ୟ ଅତିଥି ଶ୍ରୀ ଖିଲ ଛାତ୍ର ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ନିଜର ରାଜନୈତିକ ପୃଷ୍ଠଭୂମିର ଉଦାହରଣ ମାଧ୍ୟମରେ କହିଥିଲେ ଯେ, ମୁଁ ପାଠ ପଢୁଥିଲା ବେଳେ ଗୋଟିଏ ସ୍ୱପ୍ନ ଦେଖିଥିଲି ଯେ ରାଜନୀତି ମାଧ୍ୟମରେ ଲୋକଙ୍କ ସେବା କରିବି ଓ ଜଗନ୍ନାଥଙ୍କ କୃପାରୁ ତାହା ସାକାର ହୋଇଥିଲା। ବର୍ତ୍ତମାନ ଏଇ ଆଦିବାସୀ ଅଞ୍ଚଳର ବିଧାୟକ ହୋଇପାରିଛି ଏଣୁ ମୁଁ ତୁମ ମାନଙ୍କ ଭିତରେ ମଧ୍ୟରେ ନିଜ ନିଜର ଲକ୍ଷ ଓ ସଙ୍କଳ୍ପ ସ୍ୱଷ୍ଟୀ ନିମନ୍ତେ ଆହ୍ୱାନ କରୁଛି, ଦେଖିବ ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ତାହା ନିଶ୍ଚିତ ଭାବେ ସଫଳ ହେବ। ଅନ୍ୟ ଅତିଥିମାନେ ମଧ୍ୟ ଛାତ୍ର ଛାତ୍ରୀଙ୍କ ମନୋବଳ ଦୃଢ଼ ସହ ପାଠପଢ଼ାରେ ଅଧିକ ସମୟ ବିନିଯୋଗ ପାଇଁ ଅନୁରୋଧ କରିଛନ୍ତି। ଶେଷରେ ଅତିଥି ମାନେ ବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶିକ୍ଷକ ପପୁ ସାହୁ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ।




### ସିଏମ୍ ଟ୍ରଫି ପାଇଁ ପ୍ରସ୍ତୁତି

# ମାଲକାନଗିରିରେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ଜିଲ୍ଲାପାଳ



**ମାଲକାନଗିରି(ଏନ୍.ଏମ୍.) :** ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସଦର ମହକୁମା ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ହଷ୍ଟେଲ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଆଗାମୀ ସିଏମ ଟ୍ରଫି ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମିର ଅନୁଧ୍ୟାନ ଓ ସମୀକ୍ଷା କରିବା ସହ ଜିଲ୍ଲାପାଳ ସ୍ପୋର୍ଟସ କମ୍ପ୍ଲେକ୍ସର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କ୍ରୀଡ଼ାବିତଙ୍କୁ ଶ୍ରେଷ୍ଠ ସୁବିଧା ଯୋଗାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି । ଆଥଲେଟମାନଙ୍କ ଉନ୍ନତ ଅଭ୍ୟାସ ପାଇଁ ଟ୍ରାକ୍‌ର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ଉନ୍ନତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଇନଡୋର ଷ୍ଟାଡିୟମଗୁଡ଼ିକର ସୁପରିଚାଳନା ତଥା ଏହାକୁ ଖେଳାଳିଙ୍କ ପାଇଁ ସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍ପୋର୍ଟସ କମ୍ପ୍ଲେକ୍ସର ପରିସରକୁ ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସିଏମ ଟ୍ରଫି କ୍ରୀଡ଼ା କାର୍ଯ୍ୟକ୍ରମକୁ ମାଲକାନଗିରିରେ ଅତି ଆଡମ୍ବର ସହକାରେ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି ।ଏହି ପ୍ରତିଯୋଗିତା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଏକ ବୃହତ ମଞ୍ଚ ପ୍ରଦାନ କରିବ। କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଖେଳାଳିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଉତ୍ତମ ପରିବେଶ ଯୋଗାଇ ଦେବା ଜିଲ୍ଲା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲକାନଗିରିର ଯୁବବର୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ପ୍ରଶାସନର ଏହି ତତ୍ପରତା ସ୍ଥାନୀୟ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି।




# ଓଡିଶା ଜନତା କଂଗ୍ରେସରେ ସାମିଲ ହେଲେ ସମର୍ଥକଙ୍କ ସହ ଅଶୋକ

**ରାଜନଗର(ଏନ୍.ଏମ୍.) :** ରାଜନଗର ବ୍ଲକ ସଦର ମହକୁମାସ୍ଥିତ କେସି ମଣ୍ଡପରେ ଓଡିଶା ଜନତା କଂଗ୍ରେସର ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଜିଲ୍ଲା ଉପସଭାପତି ଥିବା ଅଶୋକ କୁମାର ପ୍ରତିହାରୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବୁଧବାର ଦିନ ଆନୁଷ୍ଠାନିକ ଭାବେ ଓଡିଶା ଜନତା କଂଗ୍ରେସରେ ତାଙ୍କ ସମର୍ଥକମାନଙ୍କ ସହ ଶ୍ରୀ ପ୍ରତିହାରୀ ସାମିଲ ହୋଇଥିଲେ। ଓଡିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ଇଂ ମହମ୍ମଦ ମୋକିମଙ୍କ ଉପସ୍ଥିତିରେ ଅଶୋକ ନିଜ ସମର୍ଥକମାନଙ୍କ ସହ ସାମିଲ ହୋଇଥିଲେ। ମୋକିମ ଉତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଶ୍ରୀ ପ୍ରତିହାରୀ ୨୦୨୪ ବିଧାନସଭା ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ତ୍ୟାଗ କରି କଂଗ୍ରେସ ଦଳରେ ଯୋଗଦେଇଥିଲେ। ଦଳ ତାଙ୍କ ରାଜନଗର ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ କରିଥିଲା। ପରବର୍ତୀ ସମୟରେ କଂଗ୍ରେସ ଦଳ ତାଙ୍କୁ ଜିଲ୍ଲା ଉପସଭାପତି ଦାୟିତ୍ୱ ଦେଇଥିଲା। ମାତ୍ର ଦଳ ତାଙ୍କୁ




କୌଣସି ସୁଯୋଗ ନଦେଇ ଅବହେଳା କଲା ବୋଲି ସେ ଅଭିଯୋଗ କରି କଂଗ୍ରେସ ଦଳ ପରିତ୍ୟାଗ କରିବା ସହ ଓଡିଶା ଜନତା କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଇଂ ମୋକିମ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଛନ୍ତି କେନ୍ଦ୍ରାପଡା ଜିଲ୍ଲାରେ ଏକ ବୈପ୍ଳବିକ ପରିବର୍ତନ ପାଇଁ ଅବସ୍ଥା ଆସିଛି। ଆଜି ତାର ନମୁନା ଦେଖିବାକୁ ମିଳିଛି ବୋଲି କହିଥିଲେ। ତାଙ୍କ ସହିତ ପ୍ରାକ୍ତନ ସମିତି ସଭ୍ୟ ପ୍ରଭାତ ମହାନ୍ତି, ଦୀପକ ପରିଡ଼ା, ସୁଜିତ ସ୍ୱାଇଁ, ନିକୁଞ୍ଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ କର୍ମୀ କଂଗେଶ ଦଳ ପରିତ୍ୟାଗ କରି ଓଡିଶା ଜନତା କଂଗ୍ରେସ ଦଳରେ ସାମିଲ ହୋଇଥିଲେ।

# ସୁବର୍ଣ୍ଣପୁର ଜିଲ୍ଲା ପିସିପିଏନଡିଟି ଉପଦେଷ୍ଟା କମିଟି ବୈଠକ

**ସୁବର୍ଣ୍ଣପୁର(ଏନ୍.ଏମ୍.) :** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲା ସ୍ତରୀୟ ପିସି ପି ଏନ ଡି ଟି ଉପଦେଷ୍ଟା କମିଟି ବୈଠକ ଜିଲ୍ଲାପାଳ ଡା ନୃପରାଜ ସାହୁଙ୍କର ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ନୂତନ ଭାବେ ମନୋନୀତ ହୋଇଥିବା ସଭ୍ୟ ସଭ୍ୟାଙ୍କୁ ସ୍ୱାଗତ କରାଯାଇଥିଲା । ଜିଲ୍ଲାପାଳ ଡା ନୃପରାଜ ସାହୁ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ପାଇଁ ନୂତନ ସଭ୍ୟ ସଭ୍ୟାଙ୍କ ସହଯୋଗ ଓ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଅନୁରୋଧ କରିଥିଲେ। ଏଥିପାଇଁ ପ୍ରଶାସନିକ ତତ୍ପରତା ସହିତ ଜନ ସଚେତନତା ଆବଶ୍ୟକ ବୋଲି ସୂଚାଇଥିଲେ। ଜିଲ୍ଲାରେ ବର୍ତ୍ତମାନ ୧୪ଟି ଅଲଟ୍ରା ସାଉଣ୍ଡ କ୍ଲିନିକ କାର୍ଯ୍ୟକ୍ଷମ ଥିବାବେଳେ ତନ୍ମଧ୍ୟରୁ ୭ ଟି ସରକାରୀ ହସ୍ପିଟାଲଗୁଡିକରେ ଅଛି।



ଓଡିଶାରେ ଜନ୍ମ ସମୟରେ ଲିଙ୍ଗର ଅନୁପାତ ୧୦୦୦ ପୁଅରେ ୯୨୩ ଝିଅ ଜନ୍ମ ହେଉଥିବା ବେଳେ ସୋନପୁର ଜିଲ୍ଲାରେ ତାହା ୯୧୪ ଅଛି। ଏହା ଜିଲ୍ଲା ପାଇଁ ଏକ ଚିନ୍ତାର ବିଷୟ ହୋଇଥିବାରୁ ଆଗାମୀ ଦିନରେ ବ୍ୟାପକ ସଚେତନତା ପାଇଁ କାର୍ଯ୍ୟକ୍ରମ ନର୍ଦ୍ଧାରଣ କରାଯାଇଛି। ଏହା ସହିତ ଜଣେ ସାଧାରଣ ବ୍ୟକ୍ତି ମଧ ଏଥିରେ ସାମିଲ ହୋଇ ସୂଚନା ପ୍ରଦାନ କଲେ ୨୫ହଜାର ଟଙ୍କା ପୁରସ୍କାର ଦିଆଯିବାର ବ୍ୟବସ୍ଥା ସହ ତାଙ୍କର ନାମ ତଥ୍ୟ ଗୋପନ ରଖାଯିବ। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଉଷାରାଣୀ ଦାସ, ସୋନପୁର ଉପ ଜିଲ୍ଲାପାଳ ଡା ସୌମ୍ୟ ରୁପା ରଥ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡା ପ୍ରକାଶ ଦଣ୍ଡସେନା, ଡା ଦୈତ୍ୟ ନାରାୟଣ ପାଢ଼ୀ, ପୂର୍ବତନ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡା ନରେନ୍ଦ୍ର ମେହେର ଭେଷଜ ବିଶେଷଜ୍ଞ, ଡା ଡି କେ ପୁରୋହିତ ଶିଶୁ ରୋଗ ବିଶେଷଜ୍ଞ, ଡା ରମେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ରୂପକ କୁମାର ମହାପାତ୍ର, ଜିଲ୍ଲା କାର୍ଯ୍ୟକମ ପରିଚାଳକ, ସହକାରୀ ପବ୍ଲିକ ପ୍ରଶିକ୍ୟୁଟର ଅଜିତ୍ ହୋତା, ସମାଜସେବୀ ମନୋରଞ୍ଜନ ତ୍ରିପାଠୀ, ରେଆର ଏନ୍ ଜି ଓ ର ଅଞ୍ଜଳି ନେଗୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଶୋଭାନା ଦାସ ଉପସ୍ଥାପନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କମିଟି ର ଚାରି ଜଣ ନୂତନ ସଦସ୍ୟ ଡାକ୍ତର ପାଢ଼ୀ, ସମାଜସେବୀ ଶ୍ରୀ ତ୍ରିପାଠୀ, ଶ୍ରୀମତୀ ନେଗି, ଆଇନଜୀବୀ ଶ୍ରୀ ହୋତାଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଦେବୋତ୍ତର ବିଭାଗ ତରଫରୁ ଶ୍ରୀ ଗୋପୀନାଥ ଦେବଙ୍କ ଚନ୍ଦନ ମହୋତ୍ସବର ପ୍ରସ୍ତୁତି

**ବଡମ୍ବା(ଏନ୍.ଏମ୍.) :** ଶ୍ରୀ ଗୋପୀନାଥ ଦେବଙ୍କ ଚନ୍ଦନ ଯାତ୍ରା ଯାହା ପରିବର୍ଦ୍ଧିତ ହୋଇ ଚନ୍ଦନ ମହୋତ୍ସବରେ ପରିଣତ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ବଡମ୍ବା ପଂଚାୟତ ସମିତି ସମ୍ମିଳନୀ ଗୃହରେ ବଡମ୍ବାର ଦେବୋତ୍ତର ଅଧିକାରୀ ଏବଂ ଚନ୍ଦନ ମହୋତ୍ସବର ସ୍ଥାୟୀ ସଭାପତି ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବଡମ୍ବାର ବିଧାୟକ ବିଜୟ କୁମାର ଦଳବେହେରା,ବିଶିଷ୍ଟ ଅତିଥିଭାବେ ପଂଚାୟତ ସମିତିର ଅଧକ୍ଷ ରଘୁପତି ମହାନ୍ତି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଞ୍ଚାୟତ ତ୍ରିଭୁବନ ଚନ୍ଦ୍ର ଦେବ



ଆହୁତ କରାଯାଇଥିବା ପ୍ରଥମେ ବୈଠକରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଗତ ବର୍ଷର ହୋଇଥିବା ବ୍ୟବସ୍ଥା ଉପରେ ତର୍ଜମା ସହିତ ଚଳିତ ଅକ୍ଷୟ ତୃତୀୟା ଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି କିପରି ପାଳନ ସହିତ ମଇ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହୋତ୍ସବ କିପରି ଚାଲିବ ତାହା ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ବିଭିନ୍ନ ସରକାରୀ ଅଧିକାରୀ ଯଥା ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ, ଜଳ ଯୋଗାଣ ଏବଂ ଜଙ୍ଗଲ ବିଭାଗର ଅଧିକାରୀ ମାନେ ନିଜ ନିଜର ବିଭାଗର ସମସ୍ତ ସହଯୋଗ ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ବଡମ୍ବାର ଭାରପ୍ରାପ୍ତ ଥାନାଧିକାରୀ ପରମାନନ୍ଦ ନାଏକ ଚଳିତ ବର୍ଷ ଆମ ଆଠଗଡ ଉପଖଣ୍ଡର ଉପଜିଲ୍ଲାପାଳ ସତ୍ୟପାଠ କ୍ରମେ ଚନ୍ଦନ ମହୋତ୍ସବକୁ ସମ୍ପୂର୍ଣ୍ଣ ଡି.ଜେ ମୁକ୍ତ କରି ଶବ୍ଦ ପ୍ରଦୂଷଣ ରୋକିବାକୁ ଆହ୍ୱାନ ଦେଇଥିଲେ ଯାହା ଧ୍ୱନି ମତରେ ଅନୁମୋଦିତ ହୋଇଥିଲା। ପରେ ପରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମସ୍ତ କାମ ମହୋତ୍ସବ ପୂର୍ବରୁ ସାରିବା ପାଇଁ ନିର୍ଦ୍ଦେଶ ଦେବା ସହ ସମ୍ପୂର୍ଣ୍ଣ ସହଯୋଗ ପାଇଁ ଜନ ସାଧାରଣଙ୍କୁ ଆଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜକିଶୋର ରଣା, ଶିବନାରାୟଣ ମିଶ୍ର, ରମେଶ ଚନ୍ଦ୍ର ବେହେରା, ବୃନ୍ଦାବନ ପରିଡା, ଗୋବର୍ଦ୍ଧନ ମହାରଣା, ସଚ୍ଚିଦାନନ୍ଦ ମହାନ୍ତି, ଦାମୋଦର ରଣା, ସରୋଜ କୁମାର ପଟ୍ଟନାୟକ ମହୋତ୍ସବ ଉଦ୍ଦେଶ୍ୟରେ ନିଜ ନିଜର ମନ୍ତବ୍ୟ ରଖିଥିଲେ। ପରେ ପରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣା,ସମ୍ପାଦକ ରାକେଶ କୁମାର ମହାପାତ୍ର,ଉପସଭାପତି ଚନ୍ଦ୍ରକାନ୍ତ ସ୍ୱାଇଁ, କୋଷାଧକ୍ଷ ରାଜେନ୍ଦ୍ର କୁମାର ତରାସିଆ ପ୍ରଭୁତି ନିଜ ନିଜର ମାତାବ୍ୟକ୍ତ କରିଥିଲେ। ଦେବୋତ୍ତର ବିଭାଗର ପରିଦର୍ଶକ ବିପିନ ବିହାରୀ ପୂର୍ବରା,କର୍ମଚାରୀ ଜଗନ୍ନାଥ ବେହେରା, ମେଘନାଦ ସ୍ୱାଇଁ ପ୍ରଭୁତି ସହଯୋଗ ପ୍ରଦାନ କରିଥିଲେ।

# ଗ୍ରୀଷ୍ମ ପ୍ରବାହ ଯୋଗୁଁ ମଧ୍ୟାହ୍ନରେ ହାଟ ବନ୍ଦ ନିଷ୍ପତ୍ତି ନେଲା ଜିଲ୍ଲା ପ୍ରଶାସନ

**ବାରିପଦା(ଏନ୍.ଏମ୍.) :** ସମ୍ପ୍ରତି ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏପରିକି ଅଂଶୁଘାତର ଆଶଙ୍କା ମଧ ସୃଷ୍ଟି ହୋଇଛି। ତେଣୁ ଅଂଶୁଘାତକୁ ମୁକାବିଲା କରିବା ନିମନ୍ତେ ରାଜ୍ୟସରକାରଙ୍କ ପକ୍ଷରୁ କେତେକ ନିୟମ ପ୍ରଣୟନ କରାଯାଇଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକତା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲାର ସମସ୍ତ ଦୈନିକ ଓ ସାପ୍ତାହିକ ହାଟଗୁଡ଼ିକୁ ପୂର୍ବାହ୍ନ ୧୧ଟାରୁ ସଂନ୍ଧ୍ୟା ୪ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଦ୍ୱାରା ଜାରି ଏହି ଆଦେଶ ତତକ୍ଷଣାତ୍ ପ୍ରଭାବୀ ହେବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ବଳବତ୍ତର ରହିବ ବୋଲି କୁହାଯାଇଛି। ଦିନ ମଝିରେ ବଢୁଥିବା ତାପମାତ୍ରା ଓ ତୀବ୍ର ଗରମ ଫଳରେ ହାଟ ଅଞ୍ଚଳରେ ସତର୍କତା ପଦକ୍ଷେପ ସ୍ୱରୂପ ଏପରି ପଦକ୍ଷେପ ନିଆଯାଇଛି। ଅଧିକ ଟାଣ ଖରାରେ ହିଟ୍ ଷ୍ଟ୍ରୋକ୍ ଓ ଡିହାଇଡ୍ରେସନ୍‌ରେ ଆକ୍ରାନ୍ତ ହେଉଥିବାରୁ ଜନସାଧାରଣଙ୍କୁ ଅନାବଶ୍ୟକ ଭାବେ ବାହାରକୁ ନଯିବା, ପର୍ଯ୍ୟାପ୍ତ ପାଣି ପିଇବା ଓ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଡ଼ିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ (ନଗର ପ୍ରଶାସନ)କୁ ଏହାର କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ୍ ବିଭାଗକୁ ମଧ ସମସ୍ତ ଘଟଣା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି।

# ରାଉରକେଲା ବିମାନ ଦୁର୍ଘଟଣାର ଆସିଲା ତଦନ୍ତ ରିପୋର୍ଟ



**ରାଉରକେଲା(ଏନ୍.ଏମ୍.) :** ରାଉରକେଲା ବିମାନ ଦୁର୍ଘଟଣାର ଆସିଲା ତଦନ୍ତ ରିପୋର୍ଟ। ଅଏଲ ପ୍ରେସର କମ୍ ଯୋଗୁଁ ଦୁର୍ଘଟଣା ହୋଇଥିବା କହିଲା। ଗତ ଜାନୁଆରୀ ୧୦ ତାରିଖରେ ରାଉରକେଲାରେ ପ୍ଲେନ କ୍ରାସ୍ ହୋଇଥିଲା। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ହୋଇଥିବା ଦୁର୍ଘଟଣାର ତଦନ୍ତ ରିପୋର୍ଟରେ ଫୁଏଲ ସପ୍ଲାଇ ବନ୍ଦ ହେବା ଯୋଗୁଁ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଅଏଲ୍ ପ୍ରେସର କମ୍ ହେବା ଯୋଗୁଁ ଦୁର୍ଘଟଣା ଘଟିଥିଲା। ୩୦ ନଟିକାଲ ମାଇଲ ପୂର୍ବରୁ ଅଏଲ୍ ପ୍ରେସରେ ଅସୁବିଧା ଦେଖାଦେଇଥିଲା। ଇଞ୍ଜିନକୁ ସପ୍ଲାଇ ହୋଇ ପାରିନଥିଲା ତେଲ। ଇଞ୍ଜିନକୁ ସମ୍ପୂର୍ଣ୍ଣ ତେଲ ବନ୍ଦ ହୋଇଯାଇଥିଲା। ବ୍ରାହ୍ମଣୀ ନଦୀ ପଠାରେ ପ୍ରଥମେ ଲ୍ୟାଣ୍ଡ କରିବାରେ ବିଫଳ ହେବାରୁ ଏହାକୁ ପୁଣି ଉଡାଇ ନେଇ ଖାଲି ପଡ଼ିଆରେ ଲ୍ୟାଣ୍ଡ କରିଥିଲେ ପାଇଲଟ। ଏଥିରେ ଜଣେ ଯାତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଅନ୍ୟ ତିନି ଯାତ୍ରୀ ସହ ପାଇଲଟ ଏବଂ କୋ ପାଇଲଟ ଆହତ ହୋଇଥିଲେ। ସୂଚନାଯୋଗ୍ୟ ଗତ ତିନି ମାସ ପୂର୍ବରୁ ରାଉରକେଲା ବିମାନ କ୍ରାସ ଘଟିଥିଲା। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକ ହେଲେ ଶୁଶାନ୍ତ ବିଶ୍ୱାଳ। ଗତ ୧୦ତାରିଖରେ ଜଳଦା ନିକଟରେ ଦୁର୍ଘଟଣା ହୋଇଥିଲା। ଯେଉଁଥିରେ ୨ ପାଇଲଟଙ୍କ ସମେତ ୬ ଜଣ ଆହତ ହୋଇଥିଲେ।

# ବିଜେପି କର୍ମୀ ନିଷ୍ଠାବାନ, କର୍ମଠ ଓ ରାଷ୍ଟ୍ର ପାଇଁ ସମର୍ପିତ - ଜୁଏଲ ଓରାମ

**ରାଉରକେଲା(ଏନ୍.ଏମ୍.) :** ସେକ୍ଟର ୩ ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ଓ ବିଜେପି ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହାଁସଦା



ବିଜେପି ପତାକା ଉତ୍ତୋଳନ କରିଥିଲେ। ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଦିଲ୍ଲୀରୁ ଭିଡିଓ କନ୍ଫରେନ୍ସିଙ୍ଗ ମାଧ୍ୟମରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ। ଶ୍ରୀ ଓରାମ ଉପସ୍ଥିତଙ୍କୁ ଉଦବୋଧନ ଦେଇ ବିଜେପିର ଦୀର୍ଘ ଦିନର ଯାତ୍ରା ଭାରତୀୟ ଜନ ସଙ୍ଘରୁ ବିଜେପି ଜନ୍ମ ବୃତ୍ତାନ୍ତ ଏବଂ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଠାରୁ ଆରମ୍ଭ କରି ଭାରତରତ୍ନ ତଥା ବିଜେପିର ପ୍ରତିଷ୍ଠାତା ଅଟଳ ବିହାରି ବାଜପାୟୀ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଷ୍ଟ୍ରଭକ୍ତି ଉପରେ ଆଲୋକପାତ କରିଥିଲେ। କର୍ମୀଙ୍କ କର୍ତ୍ତବ୍ୟ ନିଷ୍ଠା, ରାଷ୍ଟ୍ରପ୍ରେମ, ସାହସିକତା ଓ କଠିନ ପରିଶ୍ରମ ଯୋଗୁ ଆଜି ବିଜେପି ବିଶ୍ୱରେ ଏକ ନମ୍ବର ପାର୍ଟି ରୂପେ ଉଭା ହୋଇ ପାରିଛି। ଯୁବ ପିଢୀ ବିକଶିତ ଭାରତର ପ୍ରକୃତ ସାରଥୀ ହୋଇ ତାକୁ କାର୍ଯ୍ୟରେ ପରିଣତ କରିବେ ବୋଲି ସେ ପ୍ରକାଶ କରିଥିଲେ। ସନ୍ଧ୍ୟା ସମୟରେ ପ୍ରତିଷ୍ଠା ଦିବସ ଅବସରରେ ଏଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ବରିଷ୍ଠ ନେତା ରମେଶ ଅଗ୍ରୱାଲ, ଗଙ୍ଗାଧର ଦାଶ ଓ ଅଶୋକ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ନେତୃବୃନ୍ଦ ବିଜେପିର ପୂର୍ବଜ ଓ କର୍ଣ୍ଣଧାରଙ୍କ ସ୍ମୃତି ଚାରଣ କରିବା ସହିତ ସେମାନଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନେତା ଶଶାଙ୍କ ଶେଖର ଜେନାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମଳୟ ମହାପାତ୍ର, ଉତ୍ତମ ଅଗ୍ରୱାଲ, ତ୍ରିଲୋକ ନାଥ ଶୁକ୍ଲା, ମନୋରଞ୍ଜନ ମୁନି, ବାବୁଲି ମୁର୍ମୁ, ଦିଲ୍ଲୀପ ପଟ୍ଟନାୟକ, ସରୋଜ ଦାସ, ଅକ୍ଷୟ କୁମାର ଦାଶ, ଦିଲ୍ଲୀପ ଦାଶ, ପରେଶ ମିଶ୍ର, ସନ୍ଦୀପ ଅଗ୍ରୱାଲ, ସୁଶାନ୍ତ ମହାପାତ୍ର, ମନୋଜ କୁମାର ସ୍ୱାଇଁ, ଆଶା ନାଇଡୁ, ପ୍ରତିମା ରାଉତଙ୍କ ସହିତ ବହୁକର୍ମୀ ଉପସ୍ଥିତ ଥିଲେ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଶଶାଙ୍କ ଶେଖର ଜେନା ଜଣାଇଛନ୍ତି।

# ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ରମେଶ ଚନ୍ଦ୍ର ପାତ୍ର ସମ୍ବର୍ଦ୍ଧିତ

**ରାଉରକେଲା (ଏନ୍.ଏମ୍.) :** ଅଲଚିକି ଲିପିର ଶତବର୍ଷ ପୂର୍ତ୍ତି ପାଳନରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଫାଗୁନ (ମସିକ ସାନ୍ତାଳୀ ଖବରକାଗଜ) ମିଳିତ ଆନୁକୂଲ୍ୟରେ ଦିଲ୍ଲୀର ଡ. ଆମ୍ବେଦକର ଅନ୍ତର୍ଜାତୀୟ ପ୍ରେକ୍ଷାଳୟ ଠାରେ ଆୟୋଜିତ ଶତବର୍ଷ ପାଳନ ଅବସରରେ ଭାରତର ୧୦୦ ଜଣ ସାନ୍ତାଳୀ ଲେଖକ, ସଂଗଠକ, ସଙ୍ଗଠନ ଓ ପ୍ରସାରକଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ରାଉରକେଲାର ସାନ୍ତାଳୀ କବି, ଲେଖକ, ଅନୁବାଦକ ଓ ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ଅନୁପସ୍ଥିତ ଥିବାରୁ ଗତ ୨୯ ତାରିଖରେ ଫାଗୁନ ପତ୍ରିକାର ସମ୍ପାଦକ ମାଙ୍ଗାତ ମୁର୍ମୁ ଭୁବନେଶ୍ୱରର ଧଉଳିପଠାରେ ଶାଲ, ମାନପତ୍ର, ସଂସ୍କୃତି ବିଭାଗର ଅଲଚିକିର ଶତବାର୍ଷିକୀ ସ୍ମାରକୀ ଓ ପଣ୍ଡିତ ରଘୁନାଥ ମୁର୍ମୁ ଡାକ ଟିକଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ ଶ୍ରୀ ପାତ୍ର ୧୯୫୮ ମସିହା ଜୁଲାଇ ମାସ ୯ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବାହାଲଦାରୋଡ଼ ନିକଟସ୍ଥ ହେଁସଡା (ତାରଣା) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୭୮ ମସିହାରୁ ସାନ୍ତାଳୀ ଭାଷାରେ ଲେଖିବାକୁ ଆରମ୍ଭ କରିଥିଲେ। ୨୦୦୬ ମସିହାରେ ଦୈନିକ ସମ୍ବାଦ ଖବରକାଗଜ ରେ 'ସମ୍ବାଦ ତାରାସ' ଅଲଚିକିରେ ସମ୍ପାଦନ କରି ଇତିହାସ ସୃଷ୍ଟି କରିଥିଲେ। ନିଜସ୍ୱ ସମ୍ପାଦନାରେ ଅଲଚିକି ଲିପିରେ ସାରଥି ସାହିତ୍ୟ ପତ୍ରିକା ପ୍ରକାଶ କରୁଛନ୍ତି। ରାଞ୍ଚିରୁ ପ୍ରକାଶିତ 'ଆଖଳା' ପତ୍ରିକାରେ ସାନ୍ତାଳୀ ବିଭାଗର ସମ୍ପାଦନା କରିଛନ୍ତି। ତାଙ୍କର




ପ୍ରଥମ ପୁସ୍ତକ ଅଲଚିକିର ଜନ୍ମଦାତା (ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ) ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଶତବାର୍ଷିକୀ ୨୦୦୫ ମସିହାରେ ପ୍ରକାଶିତ ହୋଇଛି। ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ପ୍ରଥମ ସାନ୍ତାଳୀ ପୁସ୍ତକ ଯଦୁମଣି ବେଶ୍ରାଙ୍କର 'ଭାବନା'ର ଓଡ଼ିଆ ଅନୁବାଦ ୨୦୨୧ ମସିହାରେ ଏବଂ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ଗୌରହରି ଦାସଙ୍କ ନିଜ ସଙ୍ଗେ ନିଜର ଲଢେଇର ସାନ୍ତାଳୀ ଅନୁବାଦ ୨୦୨୩ ରେ ପ୍ରକାଶିତ। ଏବର୍ଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସାନ୍ତାଳୀ ନାଟକ ବିଦୁଚାନ୍ଦାନ ସାହିତ୍ୟ ଏକାଡେମୀ ଦ୍ୱାରା ଓଡ଼ିଆରେ ପ୍ରକାଶ ପାଇବ। ଶ୍ରୀ ପାତ୍ର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଲିଖିତ ଚାରିଟି ନାଟକ ଓ ଦୁଇଟି କାବ୍ୟକୁ ସାନ୍ତାଳୀରୁ ଓଡ଼ିଆରେ ଅନୁବାଦ କରିଛନ୍ତି।

# ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ହାଇସ୍କୁଲକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ



**ରାଜନଗର(ଏନ୍.ଏମ୍.) :** ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ- ବାଘତୈଳ। ସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ହାଇସ୍କୁଲରେ ଜଳ ପରିଚାଳନା ଏବଂ ପାଣି ପମ୍ପ ସ୍ଥାପନ କରାଯାଇଛି । କ୍ୱାଷ୍ଟଭାର ରିସର୍ଚ୍ଚ ଏବଂ ରାଜନଗରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେଚର୍ସ୍ ଫ୍ରେଣ୍ଡର ମିଳିତ ପ୍ରୟାସରେ ଗ୍ରାମାଞ୍ଚଳର ଶିକ୍ଷା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଏହି ପ୍ରୟାସ ଯୋଗୁଁ ବିଦ୍ୟାଳୟର ପରିମଳ ଏବଂ ସ୍ୱଚ୍ଛ ଜଳର ସମସ୍ୟାକୁ ଦୂର କରିବା ସହ ଦୁଇଶହରୁ ଅଧିକ ଛାତ୍ର ଛାତ୍ରୀ ଏବେ ପାନୀୟ ଜଳ ପାଇବେ। ଯାହାଦ୍ୱାରା ଏହି ଅନୁଷ୍ଠାନରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବ।ଏହି ଅବସରରେ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ନୂତନ ଜଳ ପରିଚାଳନା ବ୍ୟବସ୍ଥାର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ନେଚର୍ସ ଫ୍ରେଣ୍ଡର ଚେୟାରମ୍ୟାନ ବିଜୟଲକ୍ଷ୍ମୀ ହାତୀ ଯୋଗଦେଇ ପାଣି ପମ୍ପ ଓ ଆନୁଷଙ୍ଗିକ ଯନ୍ତ୍ରପାତି ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ।ସରକାର ବିଦ୍ୟାଳୟର ଭିତ୍ତିଭୂମି ପାଇଁ ବହୁ ଅର୍ଥ ବ୍ୟୟ କରୁଥିଲେ ମଧ ଅନେକ ସମୟରେ ପାଣି ଅଭାବରୁ ବହୁ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥାଏ।ଏହି ଅଭାବ ପୂରଣ ପାଇଁ ଏହି ଦୁଇ ସ୍ୱେଚ୍ଛାସେବୀ ସଂଗଠନ ଭିତ୍ତିଭୂମିର ବିକାଶ ପାଇଁ ଆଗେଇ ଆସିଛି। ଆମର ଲକ୍ଷ୍ୟ ହେଉଛି,ମୌଳିକ ସମସ୍ୟା ଗୁଡ଼ିକର ସମାଧାନ କରିବା,ଯାହା ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି କରିଥାଏ। ଏହି ପ୍ରକଳ୍ପ ଦ୍ୱାରା ପରିମଳରେ ଉନ୍ନତି ଯଥା ହାତ ଧୋଇବା,ଏବଂ ପରିମଳ ପାଇଁ ନିରନ୍ତର ଜଳ ଯୋଗାଣ ,ଦୂଷିତ ଜଳ ଜନିତ ରୋଗର ଆଶଙ୍କା ହ୍ରାସ ପାଇବା ଦ୍ୱାରା ନିୟମିତ ପିଲାମାନେ ସ୍କୁଲ ଆସିବେ ଫଳରେ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ହେବ।ଏଥି ସହ ଏକ ଦୀର୍ଘକାଳୀନ ଜଳ ପରିଚାଳନା ବ୍ୟବସ୍ଥା ଯାହାକୁ ବିଦ୍ୟାଳୟ ନିଜେ ପରିଚାଳନା କରିପାରିବ ବୋଲି କହିଥିଲେ। ଶିକ୍ଷକ ନିରାକାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ ଓ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ।

# ମାର୍ଶାଘାଇ ତହସିଲରେ ମ୍ୟୁଟେସନ ଜାଲିଆତି

- ହାତଗୁଞ୍ଜା ନଦେଲେ କାର୍ଯ୍ୟକାରୀ ହେଉନି ଫାଇଲ
- ଖାରଜ ପରେ ମଧ ଇଣ୍ଟରନେଟରେ ଉପଲବ୍ଧ ହେଉଛି ଅଚଳ ପଟ୍ଟା

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ତହସିଲ ଦୁର୍ନୀତି ଓ ଜାଲିଆତିରେ ଶୀର୍ଷରେ ପହଞ୍ଚିଛି। ବିନା ଉତ୍କୋଚରେ ଲୋକଙ୍କୁ ଆବଶ୍ୟକ ସେବା ମିଳୁନଥିବା ବେଳେ ବର୍ଷବର୍ଷ ଧରି କାମକୁ ଉଦ୍ଦେଶ୍ୟ ମୂଳକ ଭାବରେ ପକାଇ ରଖାଯାଉଛି। ୨୦୧୮ରେ ମାର୍ଶାଘାଇ ତହସିଲଦାର ଏକ ମ୍ୟୁଟେସନ କେଶର ଶୁଣାଣି କରି ଏହାକୁ ଖାରଜ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଉଦେଶ୍ୟ ମୂଳକ ଭାବରେ ଏହି ଖାରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ, ମ୍ୟୁଟେସନ କେଶ ନମ୍ବର ୪୯୦/୨୦୧୭କୁ ଆଇନ ଅନୁସାରେ ଶୁଣାଣିକରି ତତ୍କାଳୀନ ତହସିଲଦାର ୨୮-୧୧-୨୦୧୮ରେ ଲିଖିତ ନିର୍ଦ୍ଦେଶ ବଳରେ ଏହାକୁ ଖାରଜ କରଥିଲେ। ଏହା ମଧ୍ୟରେ କିଛିବର୍ଷ ଅତିକ୍ରାନ୍ତ ହୋଇଥିବା ବେଳେ ଖାରଜ ହୋଇଥିବା ପଟ୍ଟା ଇଣ୍ଟରନେଟରେ ଉପଲବ୍ଧ ହେଉଥିବା ଜାଣି ବର୍ତ୍ତମାନର ତହସିଲଦାରଙ୍କୁ ଶ୍ରୀ ମହାପାତ୍ର ଅବଗତ କରିବା ସହ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଦୀର୍ଘ ଏକବର୍ଷ ଧରି ଆଜି ଓ କାଲି କହି ଦିନ ଗଡ଼ାଇବା ପରେ ଶ୍ରୀ ମହାପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଅଭିଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଖାରଜ ନିର୍ଦ୍ଦେଶକୁ ୭ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ତହସିଲଦାର ମାର୍ଶାଘାଇଙ୍କୁ ନିର୍ଦେଶ ଦେଇଥିଲେ। ମାତ୍ର ତହସିଲଦାର ମାର୍ଶାଘାଇ ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରିବାରୁ ଶ୍ରୀ ମହାପାତ୍ର ୩୦-୭-୨୦୨୫ରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ତେବେ ଏହି ଖାରଜ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି ତହସିଲଦାର ମାର୍ଶାଘାଇ ୧୬-୯-୨୦୨୫ରେ ଲିଖିତ ଉତ୍ତର ରଖିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଅଜଣା କାରଣପାଇଁ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ତହସିଲଦାର ମାର୍ଶାଘାଇଙ୍କ ଏହି ମନମାନୀକୁ ନେଇ ଶ୍ରୀ ମହାପାତ୍ର ପୁଣିଥରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥର ବିଫଳ ହେଲେ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବାରେ ଗଣମାଧ୍ୟମ ଅଂଶୀଦାର ଭାବେ କାର୍ଯ୍ୟ କରିବା ଉଚିତ୍

**ବାଲେଶ୍ୱର(ଏନ୍.ଏମ୍.) :** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଆଜି ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଗସ୍ତ କରିବା ସହିତ ସାମ୍ବାଦିକତା ଓ ଗଣଯୋଗାଯୋଗ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଛନ୍ତି। ଶ୍ରୀ ମିଶ୍ର ବିଶ୍ୱବିଦ୍ୟାଳୟ ପରିସରରେ 'ବିକଶିତ ଭାରତ ନିର୍ମାଣ ଲାଗି ସାର୍ବଜନୀନ ନୀତି ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ଦୈନନ୍ଦିନ ଯୋଗାଯୋଗର ଶକ୍ତି' ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଶ୍ରୀ ମିଶ୍ର ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଦେଶର ବିକାଶ ପ୍ରକ୍ରିୟାରେ ଗଣମାଧମ ଏକ ଉତ୍ତରଦାୟୀ ଅଂଶୀଦାର ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ସେ ଜୋର ଦେଇ କହିଥିଲେ, ସାର୍ବଜନୀନ ନୀତି ଏବଂ ନାଗରିକଙ୍କ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ଲାଗି ସ୍ୱଚ୍ଛତା, ତାଳମେଳ ଓ ଅର୍ଥପୂର୍ଣ୍ଣ ଅଭିବ୍ୟକ୍ତି ଦ୍ୱାରା ପରିଚାଳିତ ପ୍ରଭାବୀ ଯୋଗାଯୋଗ ଅତି ଆବଶ୍ୟକ। ବିକଶିତ ଭାରତ ସଂକଳ୍ପକୁ ସାକାର କରିବାକୁ ହେଲେ ଦୈନନ୍ଦିନ ଯୋଗାଯୋଗ ଏକ ପ୍ରମୁଖ ବାହକ ହୋଇପାରିବ ବୋଲି ମଧ ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ କହିଥିଲେ, ସଚେତନତା ବୃଦ୍ଧି କରିବା ଏବଂ ଆଚରଣଗତ ପରିବର୍ତ୍ତନ ଆଣିବାରେ ଯୋଗାଯୋଗର ପ୍ରମୁଖ ଭୂମିକା ରହିଛି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ୩୬ଟି ଶିଳ୍ପ ପ୍ରକଳ୍ପକୁ ଶିଳାନ୍ୟାସ ...

ଏବଂ ଏହି ୧୦ ବର୍ଷ ହେଉଛି ସମସ୍ତଙ୍କ ପାଇଁ 'ସଂକଳ୍ପର ଦଶକ'। ଓଡିଆ ଅସ୍ମିତା ସହିତ ଅର୍ଥନୈତିକ ଉନ୍ନତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଆମର ଅର୍ଥନୀତି ଯେତେବେଳେ ଶକ୍ତିଶାଳୀ ହେବ ଏବଂ ଭିତ୍ତିଭୂମି ବିଶ୍ୱସ୍ତରୀୟ ହେବ, ସେତେବେଳେ ଓଡିଶାର ଅର୍ଥନୀତି ସମଗ୍ର ବିଶ୍ୱର ଅର୍ଥନୀତି ସହିତ ସଂଯୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଠିକ୍ ସେହିପରି ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେଉଛି। ଏଣୁ ଆଗକୁ, କାମଧନ୍ଦା ନିମନ୍ତେ ଓଡ଼ିଶାରୁ ଯୁବକ ଅନ୍ୟ ରାଜ୍ୟକୁ ପ୍ରବାସ କରିବେ ନାହିଁ ବରଂ ନିଯୁକ୍ତି ନିମନ୍ତେ ଅନ୍ୟରାଜ୍ୟରୁ ଯୁବକ ଏଠାକୁ ଆସିବେ ବୋଲି କଟକ ଜିଲ୍ଲାର ରାମଦାସପୁର ଠାରେ ପେଜ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ୍ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି । ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବକ-ଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି। ବୁଧବାର, ଏହି ପେଜ୍-ଇଣ୍ଡଷ୍ଟ୍ରିଜ୍‌ର ଆଉଗୋଟିଏ ୟୁନିଟ୍ ?ର ଭୂଇଁପୁର ଠାରେ ଶିଳାନ୍ୟାସ କରାଯାଇଛି। ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଆଜି ଭୂଇଁପୁର ଠାରେ ମଧ୍ୟ ଏମ୍ଏଏସ୍ ଇଣ୍ଡିଆ କ୍ଲଥିଂ ପ୍ରା ଲିଃର କାରଖାନର ଶିଳାନ୍ୟାସ ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ୍ ରଖିଛନ୍ତି। ଏହି କ୍ଷେତ୍ରରେ କମ୍ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ। ବିଶେଷକରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ। ନିଯୁକ୍ତି ଓ ମହିଳା ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାରେ ନୂଆ ନୂଆ ଆପାରେଲ୍ ଇଣ୍ଡଷ୍ଟ୍ରି ସ୍ଥାପନ କରୁଛନ୍ତି। ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ୍ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି। ଗତବର୍ଷ ଜୁଲାଇ ମାସରେ ଓଡ଼ିଶାରେ ଟେକ୍ସଟାଇଲ ସମିଟ୍ ହୋଇଥିଲା। ପ୍ରାୟ ୭୮୦୦ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଥିଲା। ଏହିସବୁ ପ୍ରସ୍ତାବ ଗୁଡ଼ିକ ଏବେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରି ରେ କାର୍ଯ୍ୟକରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ। ଶିଳ୍ପ ଓ ନିଯୁକ୍ତି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ସରକାରଙ୍କ ଫୋକସ୍ ହେଉଛି କିପରି ଇଣ୍ଡଷ୍ଟ୍ରି ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇ କହିଥିଲେ ଯେ, ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରି ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଆମର ଦକ୍ଷ ମାନବ ସମ୍ବଳ ପାଇଁ ରାଜ୍ୟରେ ପୁଞ୍ଜି ନିବେଶ ଅନେକ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ୍ ସିନ୍ଧେ, ପେଜ୍ ଇଣ୍ଡଷ୍ଟ୍ରିଜ୍‌ର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଭି.ଏସ୍. ଗଣେଶ୍ ଓ ନିର୍ବାହୀ ନିର୍ଦ୍ଦେଶକ କେ ଶ୍ରୀନିବାସନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରାଦ୍ଧ ଦିବସରୁ ପଡ଼ିବ ତୃତୀୟ ସାମ୍ମୁଖ୍ୟର ...

ରାଜନୀତିରେ ବଡ ହଲଚଲ୍ ଦେଖାଦେଇପାରେ। ଗୋଟିଏ ପଟେ ଛିଡୁଥିବା ବିଜେଡି ଆଉ ଅନ୍ୟପଟେ ବିଜୁ ଲିଗାସୀ ପଲିଟିକ୍ସ। ବିଜୁ ଜନତା ଦଳରୁ ବିତାଡିତ ହୋଇଥିବା ପ୍ରଭାବଶାଳୀ ନେତା ନୂଆ ସାମ୍ମୁଖ୍ୟରେ ଯୋଗ ଦେଇ ବିଜେଡି ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବା ଏକ ପ୍ରକାର ନିଶ୍ଚିତ। ଏଭଳି ସ୍ଥଳେ ତୃତୀୟ ସାମ୍ମୁଖ୍ୟ ଟି ଭାରତୀୟ ଜନତା ପାର୍ଟି ସହିତ ରହି ବଳ ବଢାଇବ ବୋଲି ଖୋଲାଖୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଅନ୍ୟପଟେ ବିଜେଡି କହିଛି ବିଜୁ ବାବୁଙ୍କ ଆଦର୍ଶରେ ବିଜେଡି ଗଢା। କୌଣସି ସାମ୍ମୁଖ୍ୟର ପ୍ରଭାବ ବିଜେଡି ଉପରେ ପଡିବନି । ରାଜ୍ୟସଭା ନିର୍ବାଚନ ପରଠାରୁ ଓଡିଶା ରାଜନୀତି ନୂଆ ମୋଡ ନେବା ଆରମ୍ଭ କରିଛି। ଏବେ ବିଜୁ ଲିଗାସୀଙ୍କ ନୂଆ ସାମ୍ମୁଖ୍ୟ ଗଠନ ବିଜେଡି ପାଇଁ କେତେ ଘାତକ ସାବ୍ୟସ୍ତ ହେଉଛି ତାଉପରେ ନଜର।

## ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ ...

ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରୁଛନ୍ତି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଠିକ୍ ସେହିପରି ଏଲ୍‌ପିଜିଗ୍ୟାସ କଳାବଜାରୀକୁ ନେଇ କେନ୍ଦ୍ରାପଡା ଯୋଗାଣ ବିଭାଗର ବଡ଼ ଧରଣର ଚଢ଼ାଉ। ଗ୍ୟାସଭର୍ତ୍ତି ୬ଟି ସିଲିଣ୍ଡର ସହିତ ୩୩ଟି ଫାଙ୍କା ସିଲିଣ୍ଡର ଜବତ ହୋଇଛି। କେନ୍ଦ୍ରାପଡା ଜିଲ୍ଲା ଚାନ୍ଦୋଳ ବଜାର ଖର୍ଦ୍ଧା ସାହି ଛକରେ ଥିବା ଏକ ଦୋକାନରୁ ଏହି ସବୁ ସିଲିଣ୍ଡର ଜବତ ହୋଇଛି। ଜିଲ୍ଲାପାଳ ଏବଂ ଯୋଗାଣ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଇ ଜଣ ଅତିରିକ୍ତ ଯୋଗାଣ ଅଧିକାରୀ, ଜଣେ ଯୋଗାଣ ନିରୀକ୍ଷକ ସମେତ ମୋଟ ୬ ଜଣିଆ ଟିମ ଏବଂ ଜଣେ ମାଜିଷ୍ଟ୍ରେଟ ଚଢ଼ାଉ କରିଥିଲେ। ଚାନ୍ଦୋଳ ବଜାରରେ ବନ୍ଦ ହୋଇ ରହିଥିବା ଉକ୍ତ ଦୋକାନର ତାଲା ଭାଙ୍ଗି ମୋଟ ୩୯ ଟି ସିଲିଣ୍ଡର ଜବତ ହୋଇଛି। ଉକ୍ତ ଦୋକାନର କେହି ଦାବିଦାର ନ ଥିବା ଜଣାପଡିବା ପରେ ଜବତ ସିଲିଣ୍ଡର ନିଜ ହେପାଜତକୁ ନେଇଛି ଯୋଗାଣ ବିଭାଗ।

## ୧୨ ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳରେ ...

ସହରାଞ୍ଚଳରୁ ବାଦ ପଡ଼ିଛନ୍ତି। ପ୍ରବାସ ସବୁଠାରୁ ସାଧାରଣ କାରଣ ଥିଲା। ଏହା ସହିତ, କିଛି ଭୋଟରଙ୍କ ନାମ ଅନୁପସ୍ଥିତି, ସ୍ଥାନାନ୍ତର କିମ୍ବା ମୃତ୍ୟୁ ଯୋଗୁଁ ମଧ୍ୟ ବାଦ ପଡ଼ିଥିଲା। ୧କୋଟି ୪୬ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୪ କୋଟି ୬ ଲକ୍ଷ ଭୋଟର ସେମାନଙ୍କର ବାସସ୍ଥାନ ପରିବର୍ତ୍ତନ କରିଛନ୍ତି। ୪୪ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି କାରଣ ସେମାନେ ବିଭିନ୍ନ ସ୍ଥାନରେ ସେମାନଙ୍କର ନାମ ପଞ୍ଜିକୃତ କରିଛନ୍ତି। ପଶ୍ଚିମବଙ୍ଗରେ, ୨୦୦୨ ଭୋଟର ତାଲିକା ସହିତ ନାମ ମେଳ ଖାଉ ନଥିବାରୁ ୨୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ଉତ୍ତର ପ୍ରଦେଶରେ, ଜାନୁଆରିରେ ଏକ ଡ୍ରାଫ୍ଟ ତାଲିକା ପ୍ରକାଶିତ ହୋଇଥିଲା, ଯେଉଁଥିରେ ୧୮.୭ ପ୍ରତିଶତ ବାଦ୍ ଦିଆଯାଇଥିବା ଦର୍ଶାଯାଇଥିଲା। ତଥାପି, ଅନେକ ଦାବି ଏବଂ ଆପତ୍ତି ପରେ, ୮୪ ଲକ୍ଷ ୨୮ ହଜାରରୁ ଅଧିକ ନାମ ଯୋଡ଼ା ଯାଇଥିଲା। ପ୍ରୟାଗରାଜ, ଲକ୍ଷ୍ନୌ, ବରେଲି, ଗାଜିଆବାଦ ଏବଂ ଜୌନପୁରରେ ସର୍ବାଧିକ ସଂଖ୍ୟକ ନାମ ଭୋଟର ତାଲିକାରେ ଯୋଡ଼ା ଯାଇଥିଲା।

## ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ...

ସହରରେ ସର୍ବଦା ଟ୍ରାଫିକ୍ ସମସ୍ୟା ଲାଗିରହିବା ସହ ବର୍ତ୍ତମାନର ପରିବହନ ବ୍ୟବସ୍ଥା ଉପରେ ଯଥେଷ୍ଟ ଚାପ ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ଏକ ଉଚ୍ଚ ଶକ୍ତିସଂପନ୍ନ ଓ ସୁଲଭ ମୂଲ୍ୟରେ ଆଧୁନିକ ପରିବହନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ମେଟ୍ରୋ ଦ୍ୱାରା ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ମହିଳା, ଛାତ୍ରଛାତ୍ରୀ, ବ୍ୟବସାୟୀ ଲାଭବାନ୍ ହୋଇପାରିବେ। ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୨୦୨୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଅନୁରୋଧ କରିଥିଲେ। ୨୦୨୪ ନଭେମ୍ବର ୩୦ ତାରିଖ ଦିନ ସେ ନିଜେ ଏହାର ସମୀକ୍ଷା କରିଥିଲେ। ଏଭଳି ସ୍ଥିତିରେ ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବା ଠିକ୍ ହେବ ନାହିଁ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଚିଠିରେ ଉଲ୍ଲେଖ କରିଛନ୍ତି। ଭୁବନେଶ୍ୱର ଓ କଟକ ଦ୍ୱୈତ ନଗରୀ ସହ ଖୋର୍ଦ୍ଧା ଅଞ୍ଚଳ ବଢ଼ିବାରେ ଲାଗିଛି। ରାଜ୍ୟ ସରକାର ନିବେଶକଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଭୁବନେଶ୍ୱର ସହର ନିବେଶକଙ୍କ ପାଇଁ ପ୍ରକୃଷ୍ଟ କ୍ଷେତ୍ର। ଏଠାକୁ ଦେଶ ବିଦେଶୀରୁ ବହୁ ପର୍ଯ୍ୟଟକ ବି ଆସୁଛନ୍ତି। ମେଟ୍ରୋ ଭଳି ଆଧୁନିକ ପରିବହନ ବ୍ୟବସ୍ଥା ପର୍ଯ୍ୟଟକଙ୍କ ପାଇଁ ସୁଖଦ ଅନୁଭବ ଆଣିପାରିବ। ମେଟ୍ରୋ କାର୍ଯ୍ୟକାରୀ ହେଲେ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ହେବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ସର୍ବୋପରି ସରକାରଙ୍କ ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣ ହୋଇପାରିବ। ଜନସଂଖ୍ୟା ଓ ଅର୍ଥନୈତିକ ମାପଦଣ୍ଡକୁ ରଖି ଏଭଳି ଏକ ପ୍ରକଳ୍ପ ବନ୍ଦ କରିବା କାରଣ ହୋଇନପାରେ ବୋଲି ଉଲ୍ଲେଖ କରି ମେଟ୍ରୋ ସଂପ୍ରତି ଦେଶର ଦୁଇଟି ଦ୍ୱୈତ୍ୟ ନଗରୀ ସହ ୧୮ଟି ନଗରରେ କାର୍ଯ୍ୟକାରୀ କରୁଛି। ୧୬ଟି ନଗରରେ କାର୍ଯ୍ୟ ଚାଲୁ ରହିଛି। ୧୨ଟି ନଗରରେ କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରହିଛି। ମେଟ୍ରୋ ପାଇଁ ୨୦ରୁ ୨୫ଲକ୍ଷ ଜନସଂଖ୍ୟା ମାପଦଣ୍ଡକୁ ଅଧିକାଂଶ ନଗର ପୂରଣ କରିପାରୁ ନଥିବା ବେଳେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ମିଶାଇଲେ ନିର୍ଦ୍ଧାରିତ ମାପଦଣ୍ଡ ପୂରଣ କରିପାରୁଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ରାଜକୋଷରୁ ୨୭୪କୋଟି ଖର୍ଚ୍ଚ କରାଯାଇଥିବା ବେଳେ ଏହି ପ୍ରକଳ୍ପକୁ ଯଦି ୧୦ରୁ ୧୫ ବର୍ଷ ବିଳମ୍ବ କରାଯାଏ ତେବେ ଖର୍ଚ୍ଚ ୨ରୁ ୪ ଗୁଣା ବଢ଼ିଯିବାର ସମ୍ଭାବନା ରହିଛି। ତ୍ୱରିତ ଲାଭକୁ ଦୃଷ୍ଟିରେ ରଖି କେ ?ଣସି ମେଟ୍ରୋ ପ୍ରକଳ୍ପ କରାଯାଇନଥାଏ ବରଂ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଏ। ୭୯ତମ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ଦେଶରେ ବଢୁଥିବା ନଗର ଏବଂ ମେଟ୍ରୋ ପ୍ରକଳ୍ପ ଉପରେ ଉଦ୍‌ବୋଧନ ଦେଇଥିବା ବେଳେ ତାଙ୍କ ନିଜସ୍ୱ ରାଜ୍ୟ ଓଡ଼ିଶା ଏଥିରୁ ବାଦ୍ ପଡ଼ିବ କି ? ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ସାଂସଦ ଭାବେ ଏହି ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ରହିବ ବୋଲି କହି କ୍ୟାବିନେଟ୍ ବୈଠକ ନିଷ୍ପତ୍ତିର ପୁନଃ ବିଚାର କରିବାକୁ ଅନୁରୋଧ କରିଛନ୍ତି।

## ରାଜଧାନୀରୁ ଆତଙ୍କବାଦୀକୁ ଗିରଫ ...

ପୁଲିସ୍ ଶେଖ ଇମ୍ରାନଙ୍କୁ ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରର ୟୁନିଟ୍-୬ ଅଞ୍ଚଳରୁ ଗିରଫ କରାଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏସଡିଜେଏମ୍‌ଙ୍କ କୋର୍ଟରେ ହଜାର କରାଯାଇଥିଲା। ଏହା ପରେ ଦିଲ୍ଲୀ ପୁଲିସ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି। ତାଙ୍କ ନାଁ ଶେଖ ଇମ୍ରାନ ଓରଫ ଏସ୍.କେ ଇମ୍ରାନ। ତାଙ୍କୁ ୨୨ ବର୍ଷ ହୋଇଛି। ତାଙ୍କ ଘର ଭୁବନେଶ୍ୱରର ଗଙ୍ଗନଗର ଅଞ୍ଚଳରେ। କମିଶନରେଟ୍ ପୁଲିସ୍ ସହାୟତାରେ ଗତକାଲି ଦିଲ୍ଲୀ ପୁଲିସ୍ ଶେଖ ଇମ୍ରାନଙ୍କୁ ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରର ୟୁନିଟ୍-୬ ଅଞ୍ଚଳରୁ ଗିରଫ କରାଯାଇଥିଲା। କମିଶନରେଟ୍ ପୁଲିସ୍ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜରେ କୁହାଯାଇଛି ଯେ, ପଚରାଉଚରା ବେଳେ ଜଣାପଡ଼ିଥିଲା ଯେ ଶେଖ ଇମ୍ରାନ ଜଣେ ବେକାର ଯୁବକ। ସେ ଏକ ମୌଳବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ହ୍ୱାଟ୍ସ ଆପ୍ ଓ ସିଗ୍ନାଲ୍ ଆପ୍ଲିକେସନ୍ସ ମାଧମରେ ସେ ଏହି ଗୋଷ୍ଠୀର ସଂପର୍କରେ ଆସିଥିଲେ ଯାହା ଧର୍ମ ଆଧାରରେ ଯେଉଁ ସବୁ କଥା ପ୍ରଚାର କରୁଛି, ତାହା ଜାତୀୟ ନିରାପତ୍ତା ପାଇଁ କ୍ଷତିକାରକ। ଏହି ପ୍ରେସ୍ ରିଲିଜରେ କମିଶନରେଟ୍ ପୁଲିସ ଆହୁରି ଲେଖିଛି ଯେ ଇନଷ୍ଟାଗ୍ରାମ, ଫେସବୁକ, ହ୍ୱାଟ୍ସ ଆପ ଓ ସିଗ୍ନାଲ ଆପ୍ଲିକେସନ୍ସରେ କରାଯାଇଥିବା ବିଭିନ୍ନ ପ୍ରକାର ମୌଳବାଦୀ ଚିନ୍ତାଧାରାର ପୋଷ୍ଟ ଆଧାରରେ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ସପ୍ତାହେ ତଳେ କିଛି ଯୁବକଙ୍କୁ ଉଠାଇ ନେଇଥିଲା। ସମସ୍ତ ଯୁବକଙ୍କୁ ଦିଲ୍ଲୀରୁ ଉଠାଯାଇଥିଲା। ସେମାନଙ୍କୁ ଜେରା କରିବା ପରେ ଓ ସେମାନଙ୍କ ସୋଶାଲ ମିଡିଆ ପୋଷ୍ଟଗୁଡ଼ିକୁ ସମୀକ୍ଷା କରିବା ପରେ ଓଡ଼ିଶା ସହିତ ଏହାର ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍।

## ରାଜ୍ୟର ବିଭିନ୍ନ ଅଞ୍ଚଳରେ ବଳପୂର୍ବକ ଜମି, ଅଧିଗ୍ରହଣର ପ୍ରତିବାଦ

# ପୁଲିସର ଅତ୍ୟାଚାର ଓ ମାନବାଧିକାର କ୍ଷୁର୍ଣ୍ଣ ବିରୋଧରେ ଡିଜିପିଙ୍କୁ ସ୍ମାରକ ପତ୍ର

**କଟକ(ଏନ୍.ଏମ୍.):** ରାୟଗଡା ଜିଲ୍ଲାର ଶିଜିମାଳି, କେଉଁଝର୍ ଜିଲ୍ଲାର ପାଟଣା ବ୍ଲକର ପ୍ରାୟ ୧୮ଟି ଗ୍ରାମ ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭାବନ୍ଧ ଓ ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏକଚାଟିଆ ପୁଞ୍ଜିପତି ମାନଙ୍କୁ ଜମି ଦେବାପାଇଁ ବଳପୂର୍ବକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବ୍ୟାପକ ପୋଲିସ ଅତ୍ୟାଚାର ଚାଲିଛି। ମାରାତ୍ମକ ଧାରାରେ ମିଛ ମାମଲା ରୁଜୁ କରି ଆନ୍ଦୋଳନକାରୀ ତଥା ନିରୀହ ଗ୍ରାମବାସୀ ମାନଙ୍କୁ ମାସ ମାସ ଏପରିକି ବର୍ଷ ବର୍ଷ ଧରି ଜେଲରେ ଭର୍ତ୍ତି କରିବା, ରାତି ଅଧରେ ଗାଁ ଉପରେ ଚଢ଼ାଉ କରି ନିରୀହ ଲୋକଙ୍କ ଉପରେ ଆକ୍ରମଣ କରିବା, ଆନ୍ଦୋଳନକାରୀ ମାନଙ୍କୁ ଭୟଭୀତ କରିବାପାଇଁ ସଂପୃକ୍ତ ଅଂଚଳର ଆତଙ୍କର ବାତାବରଣ ସୃଷ୍ଟି ଭଳି ମାରାତ୍ମକ କାଣ୍ଡ ଚାଲିଛି। ରାତି ଅଧରେ ନିରୀହ ଗ୍ରାମବାସୀ ମାନଙ୍କ ଉପରେ ଲୁହବୁହା ଗ୍ୟାସ ଓ ଲାଠି ଚାଳନା କରାଯାଉଛି। ସମସ୍ତ ଗଣତାନ୍ତ୍ରିକ ମୂଲ୍ୟବୋଧ, ରୀତିନିତିକୁ ଅପେକ୍ଷା କରି କର୍ପୋରେଟ ହାଉସ ଓ ଶିଳ୍ପପତି ମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ସରକାର ପୋଲିସ ଜରିଆରେ ଚାଷୀ, ସାଧାରଣ ଲୋକ, ଆଦିବାସୀ ଓ ଦଳିତ ମାନଙ୍କ ଉପରେ ବର୍ବର ଆକ୍ରମଣ ଚଳାଇଛି। ଗ୍ରାମ ସଭା ଗୁଡିକୁ ପ୍ରହସନରେ ପରିଣତ କରାଯାଇଛି। ଗ୍ରାମସଭାକୁ ଲୋକଙ୍କୁ ଆସିବାକୁ ଦିଆଯାଉନାହିଁ, ପୋଲିସ ଲଗେଇ ସେମାନଙ୍କୁ ଘରେ ତାଲା ପକେଇ ରଖାଯାଉଛି କିମ୍ବା ଗାଁରୁ ଜୋର୍ ଜବରଦସ୍ତ ବାହାର କରିଦିଆ ଯାଉଚି। ଏହିଭଳି ପରିସ୍ଥିତିରେ ତୁରନ୍ତ ସଂପୃକ୍ତ ଅଞ୍ଚଳ ମାନଙ୍କରୁ ପୋଲିସ ପ୍ରତ୍ୟାହାର କରି ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଓ ଉପଯୁକ୍ତ ତଦନ୍ତ କରି ଆନ୍ଦୋଳନକାରୀ ମାନଙ୍କ ଉପରେ ଅତ୍ୟାଚାର କରିଥିବା ପୋଲିସ ଅଧିକାରୀ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସିପିଡିଆରଏସ ଓଡ଼ିଶା ଶାଖା ପକ୍ଷରୁ ଆଜି ପୋଲିସ ମହାନିର୍ଦ୍ଦେଶକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରତାପ ଦାସ, ବିଶ୍ୱାବସୁ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ପ୍ରତାପ ଚନ୍ଦ୍ର ମିଶ୍ର, ମିହିର ପ୍ରତାପ ଦାସ, ଖଗେଶ୍ୱର ସେଠୀ, ଡଲି ଦାସ, ଅନିମା ରାୟ, ଅକ୍ଷୟ ରାଉଳ, ବସନ୍ତ ନାୟକ ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।




# ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ମହାନ୍ତିଙ୍କ ଘରେ ଭିଜିଲାନ୍ସ ଚଢାଉ

**ଚଣ୍ଡିଖୋଲ(ଏନ୍.ଏମ୍.):** ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ସରକାରୀ ବାବୁଙ୍କ ଘରେ ଓ ଛଅଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଘଟଣାରୁ ପ୍ରକାଶ କେନ୍ଦ୍ରୀୟ ଜଳସେଚନ ସର୍କଲ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କ ନିଜ ଘର ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସିହଡ଼ାସ୍ଥିତ କୋଲାସିଂ ଗ୍ରାମରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ମୋଟ ୬ ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ତେବେ ଦୀର୍ଘ ପାଞ୍ଚ ଘଣ୍ଟା ହେବ ନିଜ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ ଚଳାଇ ଥିଲେ। ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ଜଣେ ଅତିରିକ୍ତ ଏସପି, ୧୧ଜଣଡିଏସପି, ୯ ଜଣ ଇନ୍ସପେକ୍ଟର, ୮ଜଣ ଏଏସଆଇ, ଓ ଅନ୍ୟ କର୍ମଚାରୀ ମିଶି ଏହି ଚଢ଼ାଉ ଚଳାଇଥିଲେ। କୋଲ୍ଲାସିଂହ ଘରେ କେହି ନଥିବାରୁ ବାଧ୍ୟ ହୋଇ ଭିଜିଲାନ୍ସ ଟିମ କବାଟ ଭାଙ୍ଗି ଘରେ ପଶି ମପାମପି କରିବା ପରେ ଘରେ ଥିବା ସମସ୍ତ ଜିନିଷ ତଦାରଖ କରିଥିଲେ। ଭିଜିଲାନ୍ସ ଟିମ ତଦନ୍ତରେ ବାଧାପ୍ରାପ୍ତ ହେବ ବୋଲି ଚଢ଼ାଉ ବିଷୟରେ ଗଣମାଧ୍ୟମକୁ କୌଣସି ତଥ୍ୟ ଦେଇ ନ ଥିଲେ।



# ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଭା ଅନ୍ୱେଷଣ



**ବ୍ରହ୍ମପୁର(ଏନ୍.ଏମ୍.):** ରାଜ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ରାଜ୍ୟର ଯୁବପୀଢ଼ିମାନଙ୍କୁ ପ୍ରୋତ୍ସାହିତ କରିବା ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମରେ ଜିଲ୍ଲାସ୍ତରୀୟ ତଥା ମଣ୍ଡଳସ୍ତରୀୟ ସନ୍ତରଣ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୮ରୁ ୧୪ବର୍ଷ ବୟସର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜିଲ୍ଲାର ଲୁକ୍କାୟିତ କ୍ରୀଡ଼ା ପ୍ରତିଭାମାନଙ୍କୁ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା। ବହୁ ସଂଖ୍ୟକ ପ୍ରତିଯୋଗୀ ଏଥିରେ ଉତ୍ସାହର ସହିତ ଭାଗ ନେଇଥିଲେ।

# ଫିଲ୍ମ 'ମେହରମୁଣ୍ଡା'ର ରିଲିଜ ପାଇଁ ଆଶୀର୍ବାଦ ନେଲେ ସିନେ କଳାକାର

**ପୁରୁଷୋତ୍ତମପୁର(ଏନ୍.ଏମ୍.):** ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ପହଞ୍ଚିଥିଲେ ଫିଲ୍ମ 'ମେହେରମୁଣ୍ଡା 'ସିନେମାର ଏକ୍ଜିକ୍ୟୁଟିଭ୍ ପ୍ରଡ୍ୟୁସର ସୁପସା ଦତ୍ତଙ୍କ ସମେତ ନିର୍ଦ୍ଦେଶକ, ପ୍ରଯୋଜକ ଓ କଳାକାରମାନେ। ମା' ତାରାତାରିଣୀଙ୍କ ଠାରେ ପୂଜାର୍ଚ୍ଚନା କରି କିପରି ଏହି ସିନେମାଟି ଲୋକାଦୃତ ହୋଇପାରିବ ସେଥିନେଇ ମା'ଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ନେଇଛନ୍ତି। ନିଚ୍ଛକ ଓଡ଼ିଆ କାହାଣୀକୁ ନେଇ ଆଧାରିତ ଫିଲ୍ମ 'ମେହେରମୁଣ୍ଡା 'ପ୍ରଥମଥର ଲାଗି ସିନେମା ରିଲିଜ ହେବ ପୂର୍ବରୁ ମା ତାରାତାରିଣୀଙ୍କ ପୀଠରୁ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ସିନେମାର ଆଭମୁଖ୍ୟକୁ ନେଇ ନିର୍ଦ୍ଦେଶକ ନିକୁଞ୍ଜ ହୋତା କହିଛନ୍ତି ଯେ, ଏହି ସିନେମାଟି ସମ୍ପୂର୍ଣ୍ଣ ଭିନ୍ନଧରଣର ଏକ ସଂପ୍ରଦାୟର ଜୀବନ କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହୋଇଛି। ମହାମାରୀ କରୋନାର ଲକଡାଉନ ସମୟରେ ଲୁଗା ବୁଣାକାର ପରିବାରଙ୍କ ଜୀବନର ସଂଘର୍ଷମୟ କାହାଣୀ ସହ ଅନଲାଇନ୍ ବ୍ୟବସାୟ ହିଁ ମୁଖ୍ୟ ପ୍ରସଙ୍ଗ ରହିଛି। ଏହା ଜିଆର ରେକର୍ଡ ବ୍ୟାନରରେ ନିର୍ମିତ ୨୬ ଲକ୍ଷ ବୁଣାକାରଙ୍କ ପ୍ରଗତିକୁ ନେଇ ଅନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡ଼ିଶା ହସ୍ତତନ୍ତ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଫାଷ୍ଟ ଲୁକର ଲୋକାର୍ପଣ କରିଥିଲେ। ଏହି ଫିଲ୍ମର ପ୍ରଯୋଜନା ରାକେଶ କୁମାର ପାଢ଼ୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ନିକୁଞ୍ଜ ହୋତା। ସଙ୍ଗୀତକୁ ଅମିତ ଯୁବରାଜ ସଜାଇଥିବା ବେଳେ ମୁଖ୍ୟ ଅଭିନେତ୍ରୀ ରୂପେ ଆଲିନ ଅଙ୍କିତା ରହିଛନ୍ତି। ଏହି ଅବସରରେ ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରାଙ୍କୁ ସିନେମା ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସିନେମାଟି ମେ'୧୫ରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି।



# ଅନୁଗୁଳ-ନୟାଗଡ଼ ଟାଉନ ରେଳପଥ ନିର୍ମାଣ ଆରମ୍ଭ ନିମନ୍ତେ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ନୟାଗଡ଼(ଏନ୍.ଏମ୍.):** ରେଳର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ। ତେଣୁ ରେଳର ବିକାଶ କେବଳ କାଗଜପତ୍ରରେ ନୁହେଁ ରାଜ୍ୟର କୋଣ ଅନୁକୋଣକୁ ସଂଯୋଗ କରିବା ଆବଶ୍ୟକ। ତେଣୁ ସରକାର ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ରେଳପଥ ସଂଯୋଗ କଲେ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ ବୋଲି ଜନସାଧାରଣ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅନୁଗୁଳ-ନୟାଗଡ଼ ଟାଉନ ଭାୟା ନରସିଂହପୁର, କଣ୍ଟିଲୋ, ଖଣ୍ଡପଡା ରେଳପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ତାଳଚେର-ଗୋପାଳପୁର ରେଳପଥର ଏକ ଅଂଶ ସ୍ୱରୂପ ଅନୁଗୁଳ ଠାରୁ ଏକ ରେଳପଥ ଭାୟା ନରସିଂହପୁର, କଣ୍ଟିଲୋ ଏବଂ ଖଣ୍ଡପଡା ଦେଇ ନୟାଗଡ଼ ଟାଉନକୁ ସଂଯୋଗ ହେବ। ଏହାପରେ ଖୋର୍ଦ୍ଧା ଟାଉନ-କାଇପଦର ମଧ୍ୟରେ ଏକ ସଂଯୋଗକାରୀ ସିଧା ରେଳପଥ (କର୍ଡ଼ ଲାଇନ) ଦ୍ୱାରା ସଂଯୋଗ ହେଲେ ସିଧାସଳଖ ତାଳଚେରରୁ ଗୋପାଳପୁର ମଧ୍ୟରେ ରେଳ ସଂଯୋଗ ହୋଇପାରିବ। ୧୨୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଏହି ରେଳପଥର ଚୂଡ଼ାନ୍ତ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି। ଗତବର୍ଷ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ ପାଇଁ ଆସିଥିବା ବେଳେ ଏହି ରେଳପଥ ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ କରାଯିବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତିର ପ୍ରାୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ କ୍ରିୟାନୁଷ୍ଠାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ବଜେଟରେ ଅର୍ଥ ମଂଜୁର କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଆବାହକ ଶ୍ରୀ ପଟ୍ଟନାୟକଙ୍କ ସମେତ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରଦୀପ କୁମାର ସାହୁ ଏବଂ ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।






## ଯଶସ୍ୱୀ, ବୈଭବଙ୍କ ବିସ୍ଫୋରଣ
# ରୟାଲ୍ସର ଚମତ୍କାର ବିଜୟ



ଗୁଆହାଟୀ(ଏଜେନ୍ସି) : ଚଳିତ ଆଇପିଏଲ୍‌ର ୧୩ତମ ମ୍ୟାଚ୍‌ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ୨୭ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ୧୫୧ ରନ୍‌ର ବଡ଼ ବିଜୟ ଲକ୍ଷ୍ୟର ଚାପରେ ଚାପି ହୋଇ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ୩ ଓଭରରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ମଧ୍ୟ ଲଗାତାର ୱିକେଟ୍ ହରାଇ ଦଳ ୯ ୱିକେଟ୍‌ରେ ୧୨୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫ ଓ ତିଳକ ବର୍ମା ୧୪ କେବଳ ଦୁଇଅଙ୍କ ଛୁଇଁ ପାରିଥିଲେ। ବର୍ଷା ଯୋଗୁଁ ପ୍ରାୟ ୩ ଘଣ୍ଟା ବିଳମ୍ବରେ ମ୍ୟାଚ୍ ଆରମ୍ଭ ହେବାରୁ ୧୧ ଓଭରିଆ କରାଯାଇଥିଲା। ଏଥିରେ ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଘରୋଇ ଦଳ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସକୁ ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୀପକ ଚହରଙ୍କ ପ୍ରଥମ ଓଭରରୁ ଜୟସ୍ୱାଲ ୨୨ ରନ୍ ଆଦାୟ କରି ନେଇଥିଲେ। ଦ୍ୱିତୀୟ ଓଭର ଯଶପ୍ରୀତ ବୁମ୍‌ରା ପକାଇଥିଲେ। ୧୫ ବର୍ଷୀୟ ବ୍ୟାଟର୍ ସୂର୍ଯ୍ୟବଂଶୀ ତାଙ୍କୁ ଛକା ମାରି ସ୍ୱାଗତ କରିଥିଲେ। ଏହି ଓଭରରୁ ୧୪ ରନ୍ ସଂଗ୍ରହ ହୋଇଥିଲା ପର ଓଭରରେ ଟ୍ରେଣ୍ଟ ବୋଲ୍ଟ ୨୨ ରନ୍ ବ୍ୟୟ କରିବାରୁ ୩.୨ ପାୱାର ପ୍ଲେରେ ଆର୍‌ଆର୍ ବିନା କ୍ଷତିରେ ୫୯ ରନ୍ ଯୋଡ଼ି ନେଇଥିଲା। ପଞ୍ଚମ ଓଭରର ଶେଷ ବଲ୍‌ରେ ସୂର୍ଯ୍ୟବଂଶୀ (୩୯, ୧୪ ବଲ୍, ୧ ଚୌକା, ୫ ଛକା)ଙ୍କୁ ଶାର୍ଦ୍ଦୁଳ ଠାକୁର ଆଉଟ୍ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଧ୍ରୁବ ଜୁରେଲ (୨) ସଅଳ ଆଉଟ୍ ହୋଇଥିଲା ବେଳେ ଅଧିନାୟକ ରିୟାନ ପରାଗ (୧୦ ବଲ୍‌ରୁ ୨୦) ବଡ଼ ସ୍କୋର୍ କରିବା ପୂର୍ବରୁ ପ୍ୟାଭିଲିୟନ୍ ଫେରିଥିଲେ। ଉଭୟଙ୍କୁ ଆଲ୍ଲା ଗଜନ୍ ଫର୍ ଆଉଟ୍ କରିଥିଲେ। ଗୋଟିଏ ପଟେ ୱିକେଟ୍ ଖସୁଥିଲା ବେଳେ ଜୟସ୍ୱାଲ ବିସ୍ଫୋରକ ବ୍ୟାଟିଂ ଜାରି ରଖି ୩୨ ବଲ୍‌ରୁ ୧୦ ଚୌକା, ୪ ଛକା ସହାୟତାରେ ଅପରାଜିତ ୭୭ଞ୍ଚ ରନ୍ କରି ଦଳୀୟ ସ୍କୋର୍ ୧୧ ଓଭରରେ ୧୫୦/୩ରେ ପହଞ୍ଚାଇଥିଲେ। ସଂକ୍ଷିପ୍ତ ସ୍କୋର୍: ରାଜସ୍ଥାନ ରୟାଲ୍ସ ୧୧ ଓଭରରେ ୧୫୦/୩ (ଯଶସ୍ୱୀ ଜୟସ୍ୱାଲ ୭୭ଞ୍ଚ, ବୈଭବ ସୂର୍ଯ୍ୟବଂଶୀ ୩୯, ରିୟାନ ପରାଗ ୨୦, ଆଲ୍ଲା ଗଜନ୍‌ଫର୍ ୨/୨୧, ଶାର୍ଦ୍ଦୁଳ ଠାକୁର ୧/୩୬)। ମୁମ୍ବାଇ ଇଣ୍ଡିଆନ୍ସ ୧୧ ଓଭରରେ ୧୨୩/୯ (ସେର୍ଫାନ୍ ରଦରଫୋର୍ଡ ୨୫, ନମନ ଧୀର ୨୫, ନାନ୍ଦ୍ରେ ବର୍ଗର ୨/୨୧, ରବି ବିଷ୍ଣୋଇ ୨/୨୫, ସନ୍ଦୀପ ଶର୍ମା ୨/୨୬)।

# ଆର୍ଜେଣ୍ଟିନା ଗସ୍ତରେ ଯିବ ଭାରତୀୟ ମହିଳା ହକିଦଳ




**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତୀୟ ସିନିୟର ମହିଳା ହକି ଦଳ ଚାରି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ପାଇଁ ଆର୍ଜେଣ୍ଟିନା ଗସ୍ତ କରିବ। ଏହି ମ୍ୟାଚଗୁଡ଼ିକ ଏପ୍ରିଲ ୧୩ ରୁ ୧୭ ତାରିଖ ମଧ୍ୟରେ ବୁଏନୋସ୍ ଆଇରିସଠାରେ ଖେଳାଯିବ। ଦଳ ନିଜର ସମସ୍ତ ମ୍ୟାଚ୍ ନ୍ୟାସନାଲ ସେଣ୍ଟର ଅଫ୍ ହାଇ ପରଫରମାନ୍ସ ଆଥଲେଟିକ୍ସ ସେଣ୍ଟର (ଊରଘଈଜଊ) ରେ ଖେଳିବ। ବଡ଼ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଏହି ଗସ୍ତ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଭାବେ ବିବେଚନା କରାଯାଉଛି। ଭାରତୀୟ ମହିଳା ଦଳ ଏପ୍ରିଲ ୧୩, ୧୪, ୧୬ ଏବଂ ୧୭ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବେ। ଏହି ସମସ୍ତ ମ୍ୟାଚ୍ ବ୍ୟୁନସ୍ ଆୟର୍ସର ଝଞଉରଘଈଜଊଝଞ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଗସ୍ତରେ ଦଳକୁ ଏକ ଶକ୍ତିଶାଳୀ ପ୍ରତିପକ୍ଷ ବିପକ୍ଷରେ ଖେଳିବାର ସୁଯୋଗ ମିଳିବ, ଯାହାଦ୍ୱାରା ଖେଳାଳିମାନେ ନିଜର ରଣନୀତିରେ ସୁଧାର ଆଣିପାରିବେ। ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ସାମ୍ପ୍ରତିକ ବର୍ଷଗୁଡ଼ିକରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି। ଗତ ବର୍ଷ ଏଫ୍‌ଆଇଏଚ୍ (ଋଓଐ) ପ୍ରୋ ଲିଗ୍‌ରେ ଦୁଇ ଦଳ ମଧ୍ୟରେ ମ୍ୟାଚ୍ ୨-୨ ରେ ବରାବର ହୋଇ ଶେଷ ହୋଇଥିଲା। ଏହା ପରେ ପେନାଲ୍‌ଟି ସୁଟ୍‌ଆଉଟ୍ ମାଧ୍ୟମରେ ଫଳାଫଳ ବାହାରିଥିଲା, ଯାହା ଏହି ପ୍ରତିଯୋଗିତାର ରୋମାଞ୍ଚକୁ ଦର୍ଶାଉଛି। ଏଥର ମଧ୍ୟ ଏକ କଡ଼ା ସଂଘର୍ଷ ହେବାର ଆଶା କରାଯାଉଛି। ଏହି ଗସ୍ତ ଆଗାମୀ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଏବଂ ଏସୀୟ କ୍ରୀଡ଼ା ପ୍ରସ୍ତୁତି ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ୍ ଅଗଷ୍ଟ ମାସରେ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବ। ସେହିପରି ଏସୀୟ କ୍ରୀଡ଼ା ସେପ୍ଟେମ୍ବର-ଅକ୍ଟୋବରରେ ଜାପାନର ଆଇଚି-ନାଗୋୟାରେ ଖେଳାଯିବ। ଏହି ଗସ୍ତ ଦଳକୁ ସଠିକ୍ ସଂଯୋଜନ ଖୋଜିବାରେ ସାହାଯ୍ୟ କରିବ। ଭାରତୀୟ ଦଳର ମୁଖ୍ୟ କୋଚ୍ କହିଛନ୍ତି, 'ଆମେ ୨୪ ଜଣ ଖେଳାଳିଙ୍କୁ ନେଇ ଆର୍ଜେଣ୍ଟିନା ଯାଉଛୁ। ଏହି ନିଷ୍ପତ୍ତି ଚିନ୍ତାକରି ନିଆଯାଇଛି ଯାହାଦ୍ୱାରା ଅଧିକରୁ ଅଧିକ ଖେଳାଳିଙ୍କୁ ସୁଯୋଗ ମିଳିପାରିବ।' ସେ ଆହୁରି ମଧ୍ୟ କହିଛନ୍ତି, 'ଆର୍ଜେଣ୍ଟିନା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ଏହି ଗସ୍ତ ଦ୍ୱାରା ଆମକୁ ପ୍ରତ୍ୟେକ ଖେଳାଳିଙ୍କୁ ପରଖିବା ଏବଂ ସଠିକ୍ ସମୟରେ ଉନ୍ନତ ବିକଳ୍ପ ବାଛିବାର ସୁଯୋଗ ମିଳିବ।'

# ମଦ ପିଇ ଗାଡ଼ି ଚଳାଉଥିବା ୱାର୍ଣ୍ଣରଙ୍କୁ ଗିରଫ କଲା ପୁଲିସ୍




**ସିଡ୍‌ନୀ (ଏଜେନ୍ସି) :** ପାକିସ୍ଥାନ ସୁପର ଲିଗ ଖେଳୁଥିବା ଅଷ୍ଟ୍ରେଲୀୟ ବ୍ୟାଟର ଡାଭିଡ ୱାର୍ଣ୍ଣରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ମଦ ପିଇ ଗାଡ଼ି ଚଳାଇବା ବେଳେ ପୁଲିସ୍ ହାତରେ ଧରାପଡ଼ିଛନ୍ତି। ପିଏସଏଲ ଅଧାରୁ ବ୍ୟକ୍ତିଗତ କାମରେ ସ୍ୱଦେଶ ଯାଇଥିଲେ ୱାର୍ଣ୍ଣର। କିନ୍ତୁ ସିଡନୀର ମାରୌବରା ଠାରେ ତାଙ୍କୁ ମଦ ପିଇ ଗାଡ଼ି ଚଳାଇବା ଘଟଣାରେ ଗିରଫ କରାଯାଇଥିଲା। ଅଷ୍ଟ୍ରେଲୀୟ ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୩୯ ବର୍ଷୀୟ ୱାର୍ଣ୍ଣରଙ୍କୁ ନ୍ୟୁ ସାଉଥ ୱାଲେସ ପୁଲିସ୍ ନିୟମିତ ଯାଞ୍ଚ ବେଳେ ଧରିଥିଲା। ଯାଞ୍ଚ ସ୍ଥଳ ଠାରୁ କିଛି ଦୂରତାରେ ୱାର୍ଣ୍ଣର ଗାଡ଼ି ପାର୍କ କରି ଏଥିରୁ ଖସିବାକୁ ଚେଷ୍ଟା କରୁଥିଲେ। କିନ୍ତୁ ଅଧିକାରୀମାନେ ଗାଡ଼ି ପାଖକୁ ଆସି ୱାର୍ଣ୍ଣରଙ୍କୁ ରଙ୍ଗେ ହାତ ଧରିଛନ୍ତି। ରାସ୍ତା କଡ଼ରେ ହୋଇଥିବା ଯାଞ୍ଚ ବେଳେ ୱାର୍ଣ୍ଣର ଧାର୍ଯ୍ୟ ସୀମା ଠାରୁ ଅଧିକ ମଦ ପିଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ତାଙ୍କୁ ଥାନାକୁ ନିଆଯାଇଥିଲା। ସେଠାରେ ସେ ନିଜର ରକ୍ତ ନମୁନା ଦେଇଥିଲେ। ଏଥିରେ ମଦର ପରିମାଣ ୦.୧୦୪ ରହିଥିଲା। ଅଷ୍ଟ୍ରେଲିଆରେ ଧାର୍ଯ୍ୟ ସୀମା ଠାରୁ ଏହା ଦୁଇଗୁଣ ଅଧିକ। ଏଥିଯୋଗୁ ତାଙ୍କ ନାଁରେ ବିଭିନ୍ନ ଦଫା ଲଗା ଯିବା ସହ ଗିରଫ କରାଯାଇଥିଲା। ତାଙ୍କୁ ମାରୌବରା ପୁଲିସ୍ ଷ୍ଟେସନରେ ଅଟକ ରହିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ସେ ପୁଲିସ୍ ହେପାଜତରୁ ମୁକୁଳିଛନ୍ତି। ତାଙ୍କୁ ଆସନ୍ତା ମାସରେ କୋର୍ଟରେ ହାଜର ହେବାକୁ କୁହାଯାଇଛି। ପୁଲିସ୍ ବିବୃତିରେ କୁହାଯାଇଛି ଯେ "ଏପ୍ରିଲ ୫ ତାରିଖ ସନ୍ଧ୍ୟା ପ୍ରାୟ ୫.୩୦ରେ ପୁଲିସ୍ ପକ୍ଷରୁ ମାଲାବର ରାସ୍ତାରେ ଚେକିଂ ଚାଲିଥିଲା। ଏହି ସମୟରେ ଯାଞ୍ଚ ସ୍ଥଳରୁ କିଛି ଦୂରରେ ଗୋଟିଏ ଭ୍ୟାନ ଆସି ଅଟକି ଥିଲା। ସେଠାରେ ଗାଡ଼ିକୁ ପାର୍କ କରାଯାଇଥିଲା। ଏହାପରେ ଅଧିକାରୀମାନେ ଗାଡ଼ି ପାଖକୁ ଯାଇଥିଲେ ଓ ଏହା ମଧ୍ୟରେ ଥିବା ଜଣେ ୩୯ ବର୍ଷୀୟ ବ୍ୟକ୍ତିଙ୍କ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ି ଚାଳକ ମଦ ପିଇଥିବା ସ୍ପଷ୍ଟ ହୋଇଥିଲା। ତାଙ୍କୁ ଗିରଫ କରାଯିବା ସହ ଥାନାକୁ ନିଆଯାଇଥିଲା।

## ଜାତୀୟ ଉପକନିଷ୍ଠ ହକି
# ଓଡ଼ିଶାର ଯୁଗଳ ବିଜୟ




ଭୁବନେଶ୍ୱର(ଏନ୍.ଏମ୍.): ବିହାରର ରାଜଗିରଠାରେ ଚାଲିଥିବା ଜାତୀୟ ଉପକନିଷ୍ଠ ବାଳକ ହକିରେ ଓଡ଼ିଶା ମଙ୍ଗଳବାର ବଡ଼ ବିଜୟ ହାସଲ କରିଛି। ରାଜ୍ୟ ଦଳ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ନିଜ ଦ୍ୱିତୀୟ ମୁକାବିଲାରେ ଏକତରଫା ଭାବେ ୮-୦ ଗୋଲ୍‌ରେ କେରଳକୁ ପରାସ୍ତ କରିଛି। ଏହା ମଧ୍ୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରଥମ ବିଜୟ ହୋଇଛି। ସୋମବାର ଖେଳିଥିବା ମୁକାବିଲାରେ ଓଡ଼ିଶା ୨-୪ ଗୋଲ୍‌ରେ ମଧ୍ୟପ୍ରଦେଶଠାରୁ ପରାସ୍ତ ହୋଇଥିଲା। ଓଡ଼ିଶା ପକ୍ଷରୁ ମୋହନ ମାଝୀ (୧୮, ୪୮) ଦୁଇଟି ଗୋଲ୍ ଦେଇଥିଲା ବେଳେ ଦୀପକ ପ୍ରକାଶ ଟପ୍ପୋ (୧୩), ଅମନଦୀପ ଡାଙ୍ଗ (୩୮), ମନୀଷ ନାଏକ (୪୧), ବିକାଶ ମାଝୀ (୪୫), ମିଥଲେସ କେର୍କେଟା (୫୨) ଓ ବିପୁଲ ତିର୍କି (୫୭) ଗୋଲ୍ କରିଥିଲେ। ଆଜି ଖେଳାଯାଇଥିବା ଅନ୍ୟମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ପୁଲ୍-ଏ'ରେ ଚଣ୍ଡିଗଡ଼ ୫-୩ ଗୋଲ୍‌ରେ ହକି ମହାରାଷ୍ଟ୍ରକୁ, ହକି ହରିୟାଣା ୩-୦ ଗୋଲ୍‌ରେ ହକି ମଣିପୁରକୁ ଏବଂ ଦାଦ୍ରା ନଗର ହାଭେଳି ଏବଂ ଡମନ ଡିୟୁ ୬-୦ ଗୋଲ୍‌ରେ ହକି ତାମିଲନାଡ଼ୁକୁ ହରାଇ ଦେଇଥିଲା। ସେହିଭଳି ଝାଡ଼ଖଣ୍ଡର ରାଞ୍ଚିଠାରେ ଖେଳାଯାଉଥିବା ଜାତୀୟ ଉପକନିଷ୍ଠ ବାଳିକା ହକିରେ ଓଡ଼ିଶା ଲଗାତାର ବିଜୟ ହାସଲ କରିଛି। ମଙ୍ଗଳବାର ନିଜ ଦ୍ୱିତୀୟ ମୁକାବିଲାରେ ରାଜ୍ୟ ଦଳ ହକି ପଞ୍ଜାବକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଦୁଇଟି ଯାକ ଗୋଲ୍ ଅର୍ଚ୍ଚନା କୁଜୁର (୨୦, ୫୭ ମିନିଟ୍) ଦେଇଥିଲେ। ଓଡ଼ିଶା ବାଳିକା ଦଳ ତା'ର ପୂର୍ବ ମ୍ୟାଚ୍‌ରେ ହକି ଆନ୍ଧ୍ରପ୍ରଦେଶକୁ ୪-୦ ଗୋଲ୍‌ରେ ହରାଇଥିଲା।

# କାଂସ୍ୟ ବିଜେତାଙ୍କୁ ହରାଇ ଫାଇନାଲ୍‌ରେ ପ୍ରୀତି



**ଉଲାନବାତର(ଏଜେନ୍ସି) :** ଭାରତର ତାରକା ମହିଳା ମୁଷ୍ଟିଯୋଦ୍ଧା ପ୍ରୀତି ପାୱାର ଏଠାରେ ଚାଲିଥିବା ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ୫୪ କିଲୋଗ୍ରାମ୍ ଏଲିଟ୍ ମହିଳା ସେମିଫାଇନାଲ୍‌ରେ ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସର ସ୍ୱର୍ଣ୍ଣ ବିଜୟିନୀ ପ୍ରୀତି ୫-୦ରେ ପ୍ୟାରିସ୍ ଅଲିମ୍ପିକ୍ସ କାଂସ୍ୟ ବିଜୟିନୀ କୋରିଆର ଏଜି ଇମ୍‌ଙ୍କୁ ମାତ୍ ଦେଇଛନ୍ତି। ଏହି ବିଜୟ ସହ ପ୍ରୀତି ଫାଇନାଲ୍ ସ୍ଥାନ ମଧ୍ୟ ନିଶ୍ଚିତ କରି ଦେଇଛନ୍ତି। ସ୍ୱର୍ଣ୍ଣ ପଦକ ଲଢ଼େଇରେ ସେ ୩ ଥରର ବିଶ୍ୱ ବିଜୟିନୀ ଚାଇନିଜ୍ ତାଇପେର ହୁଆଙ୍ଗ ସିଆଓ-ୱେଁଙ୍କୁ ଭେଟିବେ। ତାଙ୍କ ସହ ପ୍ରିୟା ଓ ଅରୁନ୍ଧତୀ ଚୌଧୁରୀ ମଧ୍ୟ ଫାଇନାଲ୍‌ରେ ପହଞ୍ଚି ସ୍ୱର୍ଣ୍ଣ ପଦକ ଆଶାରେ ଅଛନ୍ତି। ମହିଳା ୬୦ କିଲୋଗ୍ରାମ୍‌ରେ ପ୍ରିୟା ୫-୦ରେ ମଙ୍ଗୋଲିଆର ନମୁନ ମୋନଖୋର୍‌ଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ସେ ଦକ୍ଷିଣ କୋରିଆର ଓଁ ଜିଓଙ୍ଗ୍‌ଙ୍କୁ ଭେଟିବେ। ମହିଳା ୭୦ କିଲୋଗ୍ରାମ୍‌ରେ ଅରୁନ୍ଧତୀ ୪-୧ରେ ଉଜ୍‌ବେକିସ୍ତାନର ଓଇଶା ତୋଇରୋଭାଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ କାଜାଖସ୍ତାନର ବାକିତ ସେଇଦିସଙ୍କୁ ଭେଟିବେ। ମହିଳା ୬୫ କିଲୋଗ୍ରାମ୍‌ରେ ଅଙ୍କୁଶିତା ବୋରୋ ୦-୩ରେ ଚାଇନିଜ୍ ତାଇପେର ନିଏଁ-ଚିଁ ଚେଁଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି। ୫୧ କିଲୋଗ୍ରାମ୍ ?ରେ ନିଖିତ ଜରିନ ୦-୫ରେ ଚୀନ୍‌ର ଉ ୟୁଙ୍କଠୁ ପରାଜିତ ହୋଇଥିଲେ। ୭୫ କିଲୋଗ୍ରାମ୍‌ରେ ଲଭ୍‌ଲୀନା ବଡ଼ଗୋହାଁଇ ୦-୫ରେ ଉଜବେକିସ୍ତାନର ଆଜିଜା ଜୋକିରୋଭାଙ୍କଠୁ ହାରିଯାଇଥିଲେ। ୮୦ କିଲୋଗ୍ରାମ୍‌ରେ ପୂଜା ରାଣୀ ୦-୫ରେ କାଜାଖସ୍ତାନର ନାଦେଝଦା ରିଆବେଟ୍ସଙ୍କୁ ହାରିଯାଇଥିଲେ।

# ଭାରତୀୟ ଅଣ୍ଡର-୧୭ ମହିଳା ଫୁଟବଲ୍ ଦଳର ରୁଷ ଗସ୍ତ



**ନୂଆଦିଲ୍ଲୀ (ଏଜେନ୍ସି) :** ଭାରତରେ ମହିଳାମାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଆଗକୁ ଯିବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସରକାର ମହିଳାମାନଙ୍କ ସର୍ବାଙ୍ଗ ବିକାଶ ନିମନ୍ତେ ବିଭିନ୍ନ ପଦକ୍ଷେପ ନେଉଥିବାବେଳେ କ୍ରୀଡ଼ା କ୍ଷେତ୍ରରେ ଦେଶକୁ ସୁନାମ ଆଣିବା ପାଇଁ ସୁଯୋଗ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଅଣ୍ଡର-୧୭ ମହିଳା ଫୁଟବଲ୍ ଦଳ ଏପ୍ରିଲ୍ ୧୧ରୁ ୧୭ ତାରିଖ ମଧ୍ୟରେ ରୁଷ ବିପକ୍ଷରେ ତିନୋଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହି ମ୍ୟାଚଗୁଡ଼ିକ ରୁଷର ସୋଚିଠାରେ ଆୟୋଜିତ ହେବ, ଯେଉଁଠାରେ ଦଳ ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବ। ଏହି ଗସ୍ତ ପାଇଁ ମୁଖ୍ୟ କୋଚ୍ ପାମେଲା କୋଣ୍ଟି ୨୩ ଜଣିଆ ଦଳ ଘୋଷଣା କରିଛନ୍ତି, ଯେଉଁଥିରେ ଯୁବ ଖେଳାଳିମାନଙ୍କୁ ସୁଯୋଗ ଦିଆଯାଇଛି।

ଭାରତ ଏବଂ ରୁଷ ମଧ୍ୟରେ ଏହି ତିନୋଟି ମ୍ୟାଚ୍ ଏପ୍ରିଲ୍ ୧୧, ୧୪ ଏବଂ ୧୭ ତାରିଖରେ ସୋଚିର ମାତ୍‌ସେଷ୍ଟା ଫୁଟବଲ୍ ସେଣ୍ଟରରେ ଖେଳାଯିବ। ଦଳ ସୋମବାର ବିଳମ୍ବିତ ରାତିରେ ସୋଚିରେ ପହଞ୍ଚି ସାରିଛି ଏବଂ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏହି ସିରିଜ୍ ଖେଳାଳିମାନଙ୍କ ପାଇଁ ଆନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବାର ଏକ ଭଲ ସୁଯୋଗ ହେବ।

ଭାରତୀୟ ଦଳ ଚଳିତ ବର୍ଷ ଚୀନରେ ହେବାକୁ ଥିବା ଇରଉ ଅଣ୍ଡର-୧୭ ମହିଳା ଏସିଆନ କପ୍ ପାଇଁ ପ୍ରସ୍ତୁତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତକୁ ଗ୍ରୁପ୍ 'ବି'ରେ ରଖାଯାଇଛି, ଯେଉଁଠାରେ ଦଳ ଅଷ୍ଟ୍ରେଲିଆ (୨ ମଇ), ଜାପାନ (୫ ମଇ) ଏବଂ ଲେବାନନ୍ (୮ ମଇ) ବିପକ୍ଷରେ ମଇଦାନକୁ ଓହ୍ଲାଇବ। ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୨:୩୦ରେ ଖେଳାଯିବ।

ଭାରତୀୟ ଦଳ ନିକଟରେ ମ୍ୟାନ୍‌ମାରର ୟାଙ୍ଗୁନ୍ ଗସ୍ତରେ ଯାଇଥିଲା, ଯେଉଁଠାରେ ସେମାନେ ଘରୋଇ ଦଳ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚଗୁଡ଼ିକରେ ଦଳ ୨-୦ ଏବଂ ୩-୨ରେ ବିଜୟ ହାସଲ କରିଥିଲା, ଯାହା ଖେଳାଳିମାନଙ୍କ ଆତ୍ମବିଶ୍ୱାସକୁ ବହୁଗୁଣିତ କରିଛି। ଏହାପରେ ଦଳ ବେଙ୍ଗାଲୁରୁରେ ଏକ ପ୍ରଶିକ୍ଷଣ ଶିବିର ମଧ୍ୟ କରିଥିଲା।

## ଫିଡେ କାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ
# ପୁରୁଷ ବର୍ଗରେ ସିନ୍ଦାରୋଭ୍ ଆଗୁଆ




ସାଇପ୍ରସ୍(ଏଜେନ୍ସି) : ଫିଡେ କାଣ୍ଡିଡେଟ୍‌ସ ଚେସ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା, ପୁରୁଷ ବର୍ଗରେ ଉଜବେକିସ୍ତାନର ୨୦ ବର୍ଷୀୟ ଜାଭୋଖିର ସିନ୍ଦାରୋଭ ୬ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ତାଙ୍କର ପ୍ରଦର୍ଶନ ଏତେ ଚମତ୍କାର ରହିଛି ଯେ, ଦ୍ୱିତୀୟ ସ୍ଥାନରେ ଥିବା ଆମେରିକାର ଫାବିଆନୋ କାରୁଆନା ତାଙ୍କଠାରୁ ୧.୫ ପଏଣ୍ଟ ପଛରେ (୪.୫ ପଏଣ୍ଟ) ଅଛନ୍ତି। ସେହିପରି ତୃତୀୟ ସ୍ଥାନରେ ଥିବା ଭାରତର ଆର୍. ପ୍ରଜ୍ଞାନନ୍ଦା ଏବଂ ନେଦରଲ୍ୟାଣ୍ଡର ଅନିଶ ଗିରି ତାଙ୍କଠାରୁ ୨.୫ ପଏଣ୍ଟ ପଛରେ ରହି ୩.୫ ପଏଣ୍ଟ ସହ ଖେଳୁଛନ୍ତି। ଏଭଳି ପରିସ୍ଥିତିରେ, ଦ୍ୱିତୀୟ ବିରୋଧରେ କିଭଳି ପ୍ରଦର୍ଶନ କରୁଛନ୍ତି ଏବଂ ବିଶ୍ୱକପ୍‌ରୁ ଅବ୍ୟାହତ ଥିବା ସିନ୍ଦାରୋଭଙ୍କ ବିଜୟ ରଥକୁ କେହି ଅଟକାଇ ପାରୁଛନ୍ତି କି ନାହିଁ, ତାହା ଦେଖିବାକୁ ବାକି ରହିଲା। ବିଶ୍ରାମ ଦିବସ ପୂର୍ବରୁ ସପ୍ତମ ରାଉଣ୍ଡରେ ଚୀନର ୱେ ୟି, ରୁଷର ଆନ୍ଦ୍ରେ ଏସିପେଙ୍କୋଙ୍କୁ ପରାସ୍ତ କରି ନିଜର ପ୍ରଥମ ବିଜୟ ହାସଲ କରିଛନ୍ତି। ଅନ୍ୟପଟେ ପ୍ରଜ୍ଞାନନ୍ଦା-କାରୁଆନାଙ୍କ ମଧ୍ୟରେ, ଆମେରିକାର ନାକାମୁରା-ଜର୍ମାନୀର ମାଥିୟାସ ବ୍ଲୁବମଙ୍କ ମଧ୍ୟରେ ଏବଂ ଅନିଶ ଗିରି-ସିନ୍ଦାରୋଭଙ୍କ ମଧ୍ୟରେ ମ୍ୟାଚ୍ ଡ୍ର' ରହିଥିଲା।

**ମହିଳା ବର୍ଗର ସ୍ଥିତି :**

ମହିଳା ବର୍ଗରେ ବର୍ତ୍ତମାନ କୋନେରୁ ହମ୍ପି ଓହରିଯିବା ପରେ ଶେଷ ମୁହୂର୍ତ୍ତରେ ସାମିଲ ହୋଇଥିବା ୟୁକ୍ରେନର ଅନ୍ନା ମୁଜିଚୁକ୍ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ କ୍ରମାଗତ ଦୁଇଟି ବିଜୟ ସହ ଭାରତର ଆର୍. ବୈଶାଳୀ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଏବଂ ଦିବ୍ୟା ଦେଶମୁଖ ଗୋଟିଏ ବିଜୟ ଓ ଗୋଟିଏ ଡ୍ର' ପରେ ୩.୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି।

# ବୈଷ୍ଣବୀ ଆଡକର ଭାରତର ନୂତନ ନମ୍ବର-୧ ମହିଳା ଟେନିସ ଖେଳାଳି




**ନୂଆଦିଲ୍ଲୀ (ଏଜେନ୍ସି) :** ଵୈଷ୍ଣବୀ ଆଡକର ୨୦୨୬ ମସିହାରେ ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ଆଇଟିଏଫ୍ ସର୍କିଟରେ ଏକ ବଡ଼ ସଫଳତା ସହ ଭାରତର ନୂତନ ମହିଳା ସିଙ୍ଗଲ୍ସ ନମ୍ବର-୧ ଖେଳାଳି ଭାବେ ଉଭା ହୋଇଛନ୍ତି। ପୁଣେର ଏହି ୨୧ ବର୍ଷୀୟା ଖେଳାଳି ଚଳିତ ସିଜନରେ ଭାରତୀୟ ଟେନିସର ଅନ୍ୟତମ ବଡ଼ ସଫଳତାର କାହାଣୀ ସାଜିଛନ୍ତି, ଯିଏକି ନିଜର କ୍ରମାଗତ ଉତ୍କୃଷ୍ଟ ପ୍ରଦର୍ଶନ ବଳରେ ର୍‍ୟାଙ୍କିଙ୍ଗରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛନ୍ତି। ବୈଷ୍ଣବୀ ବର୍ଷ ଆରମ୍ଭରେ ୬୪୩ ନମ୍ବର ମାନ୍ୟତାରେ ଥିଲେ, କିନ୍ତୁ ନିକଟରେ ପ୍ରକାଶିତ ଡଞ୍ଜଇ ମାନ୍ୟତାରେ ଆଠଟି ସ୍ଥାନ ଉପରକୁ ଉଠି ଏବେ ବିଶ୍ୱର ୩୮୩ ନମ୍ବର ଖେଳାଳି ହୋଇପାରିଛନ୍ତି। ଏହି ପ୍ରକ୍ରିୟାରେ ସେ ସହଜା ୟାମଲାପଲ୍ଲୀଙ୍କୁ (ବର୍ତ୍ତମାନର ମାନ୍ୟତା ୩୮୪) ପଛରେ ପକାଇ ଭାରତର ଶୀର୍ଷ ମାନ୍ୟତା ପ୍ରାପ୍ତ ମହିଳା ସିଙ୍ଗଲ୍ସ ଖେଳାଳି ହୋଇଛନ୍ତି। ଭାରତୀୟମାନଙ୍କ ମଧ୍ୟରେ ବୈଦେହୀ ଚୌଧୁରୀ ଏବଂ ଶ୍ରୀବଲ୍ଲୀ ଭାମିଦିପାତି ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି। ବୈଷ୍ଣବୀ ବର୍ତ୍ତମାନ ନୂଆଦିଲ୍ଲୀରେ ଅନୁଷ୍ଠିତ 'ବିଲି ଜିନ୍ କିଙ୍ଗ୍ କପ୍ ୨୦୨୬' ଏସିଆ/ଓସେନିଆ ଗ୍ରୁପ୍-ଓ ଅଭିଯାନରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଓଞ୍ଜର ସର୍କିଟରେ ଚମତ୍କାର ସଫଳତା ପରେ ସେ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି ଏବଂ ଭାରତର ଶୀର୍ଷ ମହିଳା ସିଙ୍ଗଲ୍ସ ଖେଳାଳି ଭାବରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ